ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୫, ଜୁଲାଇ ୨୦**

# ପତିବ୍ରତାର ସଂକଳ୍ପ



ଅପର୍ଣ୍ଣା ନାୟକ

ଭାରତୀୟ ସଂସ୍କୃତିରେ ନାରୀର ସ୍ଥାନ ଅତି ଉଚ୍ଚରେ । ସେ ଏକାଧାରରେ ଜାୟା, ଜନନୀ ଓ ଭଗିନୀ । ଅଧିକାଂଶ ପୁରୁଷଙ୍କ ସ ।ଳତା ପଛରେ ଥାଏ ଜଣେ ଜଣେ ନାରୀଙ୍କ ପ୍ରେରଣା- ଏହା ବିଶ୍ୱରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଜୀବନୀ ଅନୁଧ୍ୟାନ କଲେ ଜଣାଯାଇଥାଏ । ପବିତ୍ରତା ଧର୍ମ ନାରୀର ଶ୍ରେଷ୍ଠ ଧର୍ମ । ସତୀ ଅନସୂୟା, ଜନକନନ୍ଦିନୀ ସୀତା, ମହାରାଣୀ ଶବ୍ୟା ଓ ସାବିତ୍ରୀ ପ୍ରତ୍ୟେକ ଆଦର୍ଶର ଜଣେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ପରିବର୍ତ୍ତିତ ପରିସ୍ଥିତିରେ ବି ଏମାନେ ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ହୋଇ ରହିଛନ୍ତି । ପବିତ୍ରତା ଧର୍ମର ଶ୍ରେଷ୍ଠ ନିଦର୍ଶନ ଦେଖାଇଥିଲେ ସାବିତ୍ରୀ । ଏହାରି ବଳରେ ସେ ମୃତ୍ୟୁର ଦେବତା ଯମଙ୍କ କବଳରୁ ନିଜ ସ୍ୱାମୀଙ୍କୁ ବଂଚାଇବାରେ ଯେ ସମର୍ଥ ହୋଇଥିଲେ ତାହା ନୁହେଁ, ଶାଶୁ ଶଶୁରଙ୍କ ଦୃଷ୍ଟିଶକ୍ତି ସହ ତାଙ୍କର ଅପହୃତ ରାଜ୍ୟ ଫେରି ପାଇବାରେ ମଧ୍ୟ ସହାୟକ ହୋଇଥିଲେ । ମଦ୍ର ଦେଶର ରାଜା ଅଶ୍ୱପତିଙ୍କର କନ୍ୟା ଥିଲେ ସାବିତ୍ରୀ । ରୂପଗୁଣରେ ସାବିତ୍ରୀଙ୍କ ସମକକ୍ଷ କେହି ନଥିଲେ । ବିବାହଯୋଗ୍ୟ ବୟସରେ ରାଜା ତାଙ୍କୁ ନିଜେ ପତି ନିର୍ବାଚନ କରିବା ଭାର ଅର୍ପଣ କରିଥିଲେ । ସାବିତ୍ରୀ ବର ଭାବରେ ନିର୍ବାଚନ କରିଥିଲେ ରାଜ୍ୟ ଦ୍ୟୁମତ ସେନଙ୍କ ପୁତ୍ର ସତ୍ୟବାନଙ୍କୁ । ଦ୍ୟୁମତ ସେନ ଓ ତାଙ୍କ ସ୍ତ୍ରୀ ଚକ୍ଷୁହୀନ ହୋଇପଡ଼ିବାରୁ ଶତ୍ରୁମାନେ ତାଙ୍କୁ ରାଜ୍ୟରୁ ତଡ଼ିଦେଇ ରାଜଗାଦି ମାଡ଼ି ବସିଥିଲେ । ଏକମାତ୍ର ପୁତ୍ର ସତ୍ୟବାନ ଥିଲେ ସର୍ବଲକ୍ଷଣଯୁକ୍ତ, ସତ୍ୟନିଷ୍ଠ ତଥା ଧର୍ମପରାୟଣ । ପିତାଙ୍କ ନିକଟରେ ପତି ନିର୍ବାଚନ କଥା ସାବିତ୍ରୀ କହୁଥିବା ସମୟରେ ଜାଣିବାକୁ ପାଇଥିଲେ ସତ୍ୟବାନଙ୍କ ସ୍ୱଳ୍ପଆୟୁ ସମ୍ପର୍କରେ – ଏକବର୍ଷ ମଧ୍ୟରେ ମୃତ୍ୟୁ । କ୍ଷଣଆୟୁସମ୍ପନ୍ନ ସତ୍ୟବାନଙ୍କ ଠାରୁ ମନ ଫେରାଇଆଣି ଅନ୍ୟପତି ନିର୍ବାଚନ ପାଇଁ ଚାହିଁଥିଲେ ତାଙ୍କର ପିତାମାତା । ସାବତ୍ରୀ କିନ୍ତୁ ଥିଲେ ଦୃଢ଼ପ୍ରତୀଜ୍ଞ, ସଂକଳ୍ପବଦ୍ଧ । ମନଭିତରେ ଯାହାଙ୍କୁ ପତି ରୂପେ ବରଣ କରିଛନ୍ତି କୌଣସି ପରିସ୍ଥିତିରେ ତାଙ୍କୁ ଦୂରେଇ ଦେବାକୁ ସେ ଚାହିଁ ନଥିଲେ । ବିବାହ ନ କରିଥିଲେ ବି ମନେ ମନେ ତାଙ୍କୁ ସ୍ୱାମୀ ଭାବରେ ବରଣ କରିଥିଲେ । ଘୋର ଅନିଚ୍ଛା ସତ୍ୱେ ପିତା ଅଶ୍ୱପତି ସତ୍ୟବାନଙ୍କ ସହ ତାଙ୍କର ବିବାହ କରାଇ ଦେଇଥିଲେ ।

*ଯଜାତି ଭବନ, ସେକ୍ଟର-୧୦, ସିଡିଏ, କଟକ*

# ପରମ ବୈଷ୍ଣବ ଶଙ୍କର



ଶ୍ରୀହରିଗୁରୁ ଆଶ୍ରିତ ଅତୀଶ

ଶ୍ରୀମଦ ଭାଗବତର ଅନ୍ତିମ ଶ୍ଳୋକରେ କୁହାଯାଇଛି ନଦୀ ମାନଙ୍କ ମଧ୍ୟରେ ଯେପରି ଗଙ୍ଗା ଶ୍ରେଷ୍ଠ ସେହିପରି ବୈଷ୍ଣବ ମାନଙ୍କ ମଧ୍ୟରେ ଭଗବାନ ଶିବ ଶ୍ରେଷ୍ଠ ସେ ପରମ ଭାଗବତ । ଭଗବାନ ଆଶୁତୋଷ ଅଳ୍ପ ଉପଚାର ଓ ନିର୍ମଳ ଭକ୍ତି ଦେଖିଲେ ଭକ୍ତର ମନୋବାଞ୍ଛା ପୂରଣ କରନ୍ତି ହେଲେ ସେ ଯାହା ଉପରେ ବେଶୀ ଖୁସି ହୋଇଯାନ୍ତି ତାକୁ ଯୋଗ୍ୟ ଗୁରୁ ସହିତ ଶ୍ରୀ ହରିଙ୍କ ଭକ୍ତି ପ୍ରଦାନ କରନ୍ତି ଯାହାଦ୍ୱାରା ତାର ମାନବ ଜୀବନ ସଫଳ ହେବ ସେଥିପାଇଁ ଭାଗବତ କହିଲେ 'ମନୁଷ୍ୟ ଜନ୍ମେ ଲାଭ, ଯେବେ ଗୋବିନ୍ଦେ କରେ ଭାବ' । ମୋର ମାନସ ଗୁରୁ ଶ୍ରୀ ମଲୁକ ପୀଠାଧୀଶ୍ୱର ଶ୍ରୀ ରାଜେନ୍ଦ୍ର ଦାସ ମହାରାଜ କହନ୍ତି ଭଗବାନ ଭୂତଭାବନ ଶିବ ପ୍ରସନ୍ନ ହେଲେ ରାମକୃଷ୍ଣଙ୍କୁ ତୁମ କୋଳରେ ଆଣି ବସାଇ ଦେବ । ଶ୍ରୀଧାମବୃନ୍ଦାବନ ଯମୁନା ନଦୀ କୂଳରେ ଶ୍ରୀଲସନାତନ ଗୋସ୍ୱାମୀ ବସି ଭାଗବତ ଚିନ୍ତା କରୁଥାନ୍ତି ଏହି ସମୟରେ ଜଣେ ବ୍ରାହ୍ମଣ ଆସି ତାଙ୍କୁ ପ୍ରଣାମ କଲେ ଓ ନିଜ ପରିଚୟ ପ୍ରଦାନ କଲେ କହିଲେ ମୋର ନାମ ଜୀବନ ଭଟ୍ଟାଚାର୍ଯ୍ୟ ମୋର ଘର ହେଉଛି ବର୍ଦ୍ଧମାନ ଜିଲ୍ଲାର ମାନକର ଗ୍ରାମରେ । ଆସିବା କାରଣ କହିଲେ ମୁଁ ଜଣେ ଦରିଦ୍ର ବ୍ରାହ୍ମଣ ମୋର ପିତାମାତା ନାହାନ୍ତି ଜୀବନ ନିର୍ବାହ କରି ପାରିବ ବହୁତ କଷ୍ଟ ହେଲା ତେଣୁ କାଶୀ ଯାଇ ସେଠାରେ ଶ୍ରୀ ବିଶ୍ୱନାଥଙ୍କ ପାଖରେ ଅଧିଆ ପଡ଼ିଲି ପ୍ରଭୁ ପ୍ରସନ୍ନ ହୋଇ କହିଲେ ତୁମେ ବୃନ୍ଦାବନ ଚାଲିଯାଅ ସେଠାରେ ମୋର ଭକ୍ତ ଶ୍ରୀସନାତନ ଗୋସ୍ୱାମୀ ଅଛନ୍ତି ସେ ତୁମର ମନ କାମନା ପୂର୍ଣ୍ଣ କରିବେ ତେଣୁ ଆପଣଙ୍କ ପାଖକୁ ଆସିଛି । ଏହି କଥା ଶୁଣି ସନାତନ ଗୋସ୍ୱାମୀ ଭାବିଲେ ମୁଁ ଜଣେ ବୈରାଗୀ ସନ୍ନ୍ୟାସୀ ଭିକ ମାଗି ଖାଉଛି ମୋର ପାଖରେ କ'ଣ ଅଛି ଯେ ବାବା ବିଶ୍ୱନାଥ ମୋର ପାଖକୁ ଏହି ବ୍ରାହ୍ମଣଙ୍କୁ ପଠାଇଛନ୍ତି । ପୁଣି ଭାବିଲେ ବାବା ବିଶ୍ୱନାଥ ପଠାଇଛନ୍ତି ମାନେ ଏହା ଭିତରେ କିଛି ରହସ୍ୟ ରହିଛି । ହଟାତ ମନେ ପଡ଼ିଗଲା ପୂର୍ବକଥା ଦିନେ ସେ କଳକଳନାଦିନୀ ଯମୁନା ନଦୀରେ ସ୍ନାନ କଲାବେଳେ ପାଇଥିଲେ ଗୋଟେ ପରଶମଣି । ଏହି ପ୍ରକାର ମୂଲ୍ୟବାନ ପଥରେ ତାଙ୍କର ବା କ'ଣ କାମରେ ଆସିବ । ତେଣୁ ତାକୁ ସେ ଯମୁନା ନଦୀରେ ବିସର୍ଜନ କରିଦେଲେ । ସେହିକଥା ମନେ ପଡ଼ିବାରୁ ବ୍ରାହ୍ମଣଙ୍କୁ କହିଲେ ସେହି ଯମୁନାରେ ଯାଇ ଖୋଜ ତୁମକୁ ପରଶ ମଣି ପ୍ରାପ୍ତ ହେବ । ବ୍ରାହ୍ମଣ ଜଣକ ତାହା ହିଁ କଲେ ଓ ତାଙ୍କୁ ପରଶମଣି ମିଳିଲା । ଆନନ୍ଦରେ ଭରିଗଲା ବ୍ରାହ୍ମଣ ମନ । ଭାବିଲା ମୋର ଦରିଦ୍ରତା ଗଲା । ଏ ଧନ ତ ସାରିବାର ନାହିଁ ଯେତେବେଳେ ଚାହିଁବି ଲୁହରେ ପରଶମଣି ଛୁଆଁଇ ସୁନା କରିଦେବି । ଶ୍ରୀସନାତନ ଗୋସ୍ୱାମୀଙ୍କ ପାଦରେ ଦଣ୍ଡବତ କରି ବ୍ରାହ୍ମଣ କହିଲେ ଆପଣଙ୍କ କୃପାରୁ ପୁରୁଷାନୁକ୍ରମିକ ଭାବରେ ମୋର ଆଉ ଦରିଦ୍ରତା ରହିବ ନାହିଁ । ଶ୍ରୀସନାତନ ଗୋସ୍ୱାମୀଙ୍କ ଜୟ ହେଉ ମୋର ଉପରେ ଆପଣଙ୍କ କୃପା ଏହିପରି ଥାଉ ଏହାକହି ଆନନ୍ଦ ମନରେ ସେ ଚାଲିଲେ । କିଛି ବାଟ ଯିବା ପରେ ଜୀବନ ଭଟ୍ଟାଚାର୍ଯ୍ୟଙ୍କ ମନକୁ ହଠାତ୍ ଗୋଟିଏ କଥା ଆସିଲା । ଆଉ ଆଗକୁ ପାଦ ବଢ଼ି ପାରିଲେ ନାହିଁ ଫେରିଲେ ଯମୁନା କୂଳକୁ । ଭାବୁଛନ୍ତି ଏହି ବ୍ୟକ୍ତି ଯେତିକି ବିଚିତ୍ର ତାଠାରୁ ଅଧିକ ମହାନ ଏହାଙ୍କ ହୃଦୟ ତାହା ନହୋଇଥିଲେ ପରଶମଣି ପରି ରତ୍ନ ପାଇଲା ପରେ ତାକୁ ଯମୁନାକୁ କିପରି ଫୋପାଡ଼ି ଦେଇଥାନ୍ତେ ? ଦୁଇ ପ୍ରକାର ଲୋକ ଏହି କାର୍ଯ୍ୟ କରନ୍ତି ଯେଉଁମାନେ ମାନିର ମୂଲ୍ୟ ବୁଝନ୍ତି ନାହିଁ ବା ପାଗଳ । ଆଉ ଯିଏ ମହାନ ସଂସାର ଭୋଗ ବାସନାର ସମ୍ପୂର୍ଣ୍ଣ ଉର୍ଦ୍ଧ୍ୱରେ, ଯେ ଦିବ୍ୟତାର ସନ୍ଧାନ କରିପାରିବ । ଏହାଙ୍କ ସହିତ କଥା ହୋଇ ଜଣାଯାଉଛି ଏ ପାଗଳ ନୁହଁନ୍ତି ତା ହେଲେ ଭାବରୂପକ ରତ୍ନର ଅଧିକାରୀ ତେଣୁ ଜୀବନ ଭଟ୍ଟାଚାର୍ଯ୍ୟ ଫେରି ଆସିଲେ ଶ୍ରୀ ସନାତନ ଗୋସ୍ୱାମୀଙ୍କ ପାଖକୁ ଓ କହିଲେ ଆପଣ ଯେଉଁ ଅମୂଲ୍ୟ ଧନରେ ଧନୀ ହୋଇ ପରଶମଣି ପରି ରତ୍ନକୁ ତୁଚ୍ଛ କରିଦେଇଛନ୍ତି ମୋର ସେହି ରତ୍ନ ଦରକାର । ଶ୍ରୀସନାତନ ଗୋସ୍ୱାମୀ ନିଜେ ପରଶମଣି ପାଲଟି ଯାଇଛନ୍ତି ତାଙ୍କ ପ୍ରଭାବ ଜୀବନ ଭଟ୍ଟାଚାର୍ଯ୍ୟ ନ ଲାଗନ୍ତା କିପରି ? ମୋର ଏହି ପରଶମଣି ଦରକାର ନାହିଁ ମୋତେ ଆପଣ ଭାବରୂପକ ରତ୍ନ ପ୍ରଦାନ କରନ୍ତୁ । ଏହା ଶୁଣି ଶ୍ରୀସନାତନ ଗୋସ୍ୱାମୀ ସେ ବ୍ରାହ୍ମଣଙ୍କୁ ପାଦରୁ ଉଠାଇ ହରିନାମ ରୂପକ ରତ୍ନ ଦକ୍ଷିଣ କର୍ଣ୍ଣରେ ପ୍ରଦାନ କରି ତାଙ୍କ ମନୁଷ୍ୟ ଜୀବନ ସଫଳ କଲେ । ଜଣେ ମହାଶୟ ବାୟାଙ୍କୁ ପ୍ରଶ୍ନ କଲେ ବାବା ଆପଣ ଆଶ୍ରମରେ ବାବା ବିଶ୍ୱନାଥଙ୍କ ମନ୍ଦିର କରି ପୂଜା କାହିଁକି କରୁଛନ୍ତି ବୈଷ୍ଣବ ମାନେ ଶିବ ନିର୍ମାଲ୍ୟ ଗ୍ରହଣ କରନ୍ତି ନାହିଁ ବୋଲି ଶୁଣିଛି । ବାବା କହିଲେ ଆଜ୍ଞା ବାଟଟା ତାଙ୍କୁ ଜଣା ? ସେ ମହାଶୟ କହିଲେ ମୁଁ ବୁଝି ପାରିଲିନି ବାୟା – ଭଗବାନ ମହାଦେବ ପରମଭାଗବତ ତାଙ୍କୁ ଦର୍ଶନ କରି କହିବା ମତେ ବାଟ ଦେଖା ସେ ତୁମକୁ ବୈକୁଣ୍ଠର ରାସ୍ତା ଦେଖାଇ ଦେବେ ଯାହା ଫଳରେ ତୁମେ ଯାତ୍ରା ସଫଳ ହେବ । ନିତାଇ ଗୋର ହରି ବୋଲ ।

*ଦୂରଭାଷ : ୬୩୭୧୫୮୦୫୨୪*

# ସରକାର ନେଉଥିବା ଯୋଜନା ଗରିବ ଶ୍ରେଣୀର ଜନସାଧାରଣଙ୍କ ପାଖକୁ ସଠିକ ମାର୍ଗ ଦେଇ ପହଂଚୁ

ଯଶସ୍ୱି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଲୋକ ଆଭିମୁଖ୍ୟ ଯୋଜନା ଜନମାନସ ରେ ବହୁଳ ମାତ୍ରା ରେ ଆଦୃତ ହେଲାଣି । କରାଯାଉଥିବା ଯୋଜନାକୁ କାର୍ଯ୍ୟ ରେ ପ୍ରଣୀତ କରି ସଠିକ ମାର୍ଗ ଦେଇ ପହଂଚି ବାକୁ ବୃଦ୍ଧିଜିବୀ ମହଲରେ ଆଲୋଚ଼ିର ବିଷୟ ହେଲଣି । ଅନେକ ଯୋଜନା ମଧ୍ୟରୁ ଅଭିଯୋଗ ଶୁଣାଣି ଅନ୍ୟତମ । ସରକାର ପଂଚାୟତ ସ୍ତରରେ ଅଭିଯୋଗ ଶୁଣାଣି କରିବାପାଇଁ ଯାଉଥିବା ପଦକ୍ଷେପକୁ ସଠିକ ମାର୍ଗ ଦେଇ ନେବା ଅତ୍ୟନ୍ତ ଜରୁରୀ ଅଟେ । ସରକାର ଯଦି ନିର୍ବାଚ଼ିତ ବ୍ୟକ୍ତି ବିଶେଷଙ୍କ ମାଧ୍ୟମରେ ଏହି ଶୁଣାଣି କରନ୍ତି ସୁଫଳ ମିଳିବନାହିଁ । କାରଣ ନିର୍ବାଚ଼ନରେ ଜିତି ଥିବା ସରପଂଚ, ଓ୍ୱାର୍ଡ ମେମ୍ବର ପ୍ରାୟତଃ ଅଧିକାଂଶ ପୂର୍ବ ସରକାର ସହଯୋଗୀ । ଯେଉଁ ମାନେ ନୂତନ ସରକାର ଗଠନ ରେ ମୁଖ୍ୟ ଭୂମିକା ନିଭାଇଥିଲେ ବର୍ତ୍ତମାନ ଉପେକ୍ଷିତ । କିଛିଦିନ ତଳେ ଘୋଷଣା କରାଯାଇଥିବା ରାସନ୍, ଡାଲି, ଚ଼ିନି, ଲୁଣ ନିତ୍ୟାଆବଶ୍ୟକ ଖାଦ୍ୟ ଯୋଗାଣ ସବସିଡ୍ ମାଧ୍ୟମରେ ଦିଆଯିବାକୁ କୁହାଯାଇଛି । ଯାହା ଗରିବ ଜନସାଧାରଣଙ୍କୁ ସିଧାସଳଖ ପହଂଚିବାର ରହିଛି । କିନ୍ତୁ ନଜସ୍ୱାର୍ଥଗୋଷ୍ଠି ତାହା କରିବାକୁ ଦେବେ ନାହିଁ । ଆଶା ଓ ଗ୍ରାମସେବକ ମାଧ୍ୟମରେ କାର୍ଯ୍ୟ କରାଯାଆନ୍ତା ସେମାନେ ତାଙ୍କ ଅଧୀନରେ ଥିବା ଏରିଆ ସାମୁହିକ ସମସ୍ତ ଘରକୁ ପ୍ରତ୍ୟକ୍ଷ ଭାବରେ ଜାଣିଥାନ୍ତି । ସେହିଁ ସଠିକ ମାର୍ଗ ଦେଇ ନେଇପାରିବେ । ସେମାନଙ୍କୁ କିଛି ପାରିଶ୍ରମିକ ବୃଦ୍ଧି କରି ସୁଚ଼ାରୁରୂପେ ଚ଼ଳାଇବା ସହଯୋଗ କଲେ ନିତ୍ୟାନ୍ତ ଭଲ ହୁଅନ୍ତା । ବର୍ତ୍ତମାନ ମୋବାଇଲ ଯୁଗ ଲୋକମାନଙ୍କୁ ନୂତନ ବୈଶାୟିକ ବ୍ୟବହୃତ କରି ଘରେ ଘରେ ପହଂଚିଲୋକେଶ ନେଇ କାମ କରିଲେ ଦୂର୍ନିତି ମୁକ୍ତି କାର୍ଯ୍ୟ ହୋଇପାରିବ । କେନ୍ଦ୍ର ସରକାରଙ୍କର ଦ୍ୱାରା କରାଯାଇଥିବା ସମସ୍ତ ଯୋଜନାକୁ ଏକ କିତା ନକଲ ଯାହା ଫାର୍ମ ମଧ୍ୟମରେ କ'ଣ ପାଇଛନ୍ତି/କ'ଣ ପାଇନାହାଁନ୍ତି, ଠିକ୍ ଚ଼ିହ୍ନଟ ଓ ଭୁଲ୍ ଚ଼ିହ୍ନଟ କରିଥିବେ ସେହି ଫାର୍ମକୁ ଅପଲୋଡ଼୍ କରି ସରକାରଙ୍କ ପାଖକୁ ପଠାଇବାର ଉପଯୁକ୍ତ ମାଧ୍ୟମ ଗ୍ରହଣ କରିବ ? । ତାହା ଦ୍ୱାରା ଯୋଜନା ସୁଫଳ ରୂପାୟନ ହୋଇପାରିବ । ତାଙ୍କର ମୋବାଇଲ ଜରିଆରେ ଫିଡବ୍ୟାକ ନିଆଯାଇ ଠିକ୍ ହିତାଧିକାରୀ ଚ଼ୟନ କରାଯାଇପାରିବ । ଏହାକରିବା ଦ୍ୱାରା ଦିଗହରା ନହୋଇ ଗ୍ରାମାଂଚଳରେ ରହୁଥିବା ନିରିହ ଜନସାଧାରଣ ବିଭିନ୍ନ ଯୋଜନାର ସୁବିଧା ପାଇପାରିବେ । ଓଡ଼ିଶା କୃଷିଭିତିକ ରାଜ୍ୟ ହୋଇଥିବାରୁ ଲୋକମାନେ କୃଷି କାର୍ଯରେ ନିୟୋଜିତ ହୋଇଥାନ୍ତି ତେଣୁ ସେମାନଙ୍କ ସହିତ ସମ୍ପର୍କ ସ୍ଥାପନ ପାଇଁ ଦିପହର କିମ୍ବା ସଂଧ୍ୟା ସମୟରେ ତଥ୍ୟ ସଂଗ୍ରହ କରାଯାଇପାରିବ । ଗୋଟିଏ ପଂଚାୟତରେ ହାରାହାରି ତିନି ହଜାର ରୁ ଚ଼ାରି ହଜାର ଭୋଟର ରହିବା ସହିତ ହାରାହାରି ପାଂଚଶହ ପରିବାର ବସବାସ କରିଥାନ୍ତି । ଆଶା ମାନଙ୍କୁ ଶିଶୁ ଓ ମହିଳା ମାନଙ୍କର ଗର୍ଭଧାରଣ ପ୍ରସ୍ତୁତି ଠାରୁ, ସଚେତନ ପୋଷଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ କରିବାକୁ ପଡ଼ିଥାଏ । ତାପରେ ମଧ ଏହି କାମରେ ନିୟୋଜନ କଲେ ସାମର୍ଥ୍ୟ ହୋଇପାରିବେ । ଗ୍ରାମ ସ୍ତରୀୟ କର୍ମୀ (VLW), ଯାହାକୁ କେତେକ ସମୟରେ ପଂଚାୟତ ସଚ଼ିବ ମଧ୍ୟ କୁହାଯାଏ, ସେ ଗ୍ରାମ ପଂଚାୟତ (ଗ୍ରାମ ପରିଷଦ) ଗଠନ ମଧ୍ୟରେ କାର୍ଯ୍ୟ କରନ୍ତି ଏବଂ ବିଭିନ୍ନ ପ୍ରଶାସନିକ ଏବଂ ବିକାଶ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ଦାୟୀ । ସେମାନଙ୍କର ଭୂମିକା ହେଉଛି ସରକାର ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା, ତୃଣମୂଳ ସ୍ତରରେ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ତଦାରଖ କରିବା । ତେଣୁ ସେମାନଙ୍କୁ ଏହି ସବୁକୁ ରୁପାୟନ କରିପାରିବା ସହଜ ସାଧକ କାର୍ଯ୍ୟକ୍ରମ ଅଟେ । ଏମାନଙ୍କୁ ଏଥିରେ ବ୍ୟବହାର କରାଯାଇପାରିବ । ଜଣେ VLW ରପ୍ରଶାସନିକ କର୍ତବ୍ୟ ଗ୍ରାମପଂଚାୟତ ସହିତ ଜଡିତ ପତ୍ରବିନିମୟ ପରିଚ଼ାଳନା କରିବା । ଗ୍ରାମପଂଚାୟତର ଆର୍ଥିକ କାରବାର ଯେଉଁଥିରେ ପାଣ୍ଠି ସଂଗ୍ରହ ଏବଂ ବଂଟନ କରିବା ଅନ୍ତର୍ଭୁକ୍ତ । ଗ୍ରାମ ସ୍ତରରେ ବିଭିନ୍ନ ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନକୁ ସହଜ କରିବା । କୃଷି ବିକାଶକୁ ଏବଂ ଚ଼ାଷୀମାନଙ୍କୁ ମାର୍ଗଦର୍ଶନ ଗ୍ରାମରେ ଦାରିଦ୍ରେ ଦୂରୀକରଣ ଏବଂ ଆର୍ଥିକ ବିକାଶ ପାଇଁ କାର୍ଯ୍ୟ କରିବା । ସାମାଜିକ ନ୍ୟାୟ ଏବଂ ସମାଜର ସଶକ୍ତିକରଣ ସୁନିଶ୍ଚିତ କରିବା ବ୍ଲକ୍ ସ୍ତରୀୟ ପ୍ରଶାସନ ଏବଂ ଗ୍ରାମପଂଚାୟତଙ୍କ ମଧ୍ୟରେ ଏକ ସଂଯୋଗ ଭାବରେ କାର୍ଯ୍ୟ କରିବା । ଆବଶ୍ୟକତା ଏବଂ ଚ଼ିନ୍ତାକୁ ଉଚ୍ଚ କର୍ତୃପକ୍ଷଙ୍କ ନିକଟରେ ପହଂଚାଇବା ଓ ସରକାରୀ ନୀତି ଏବଂ କାର୍ଯ୍ୟକ୍ରମ ବିଷୟରେ ସୂଚ଼ନା ପ୍ରଦାନ ଋଣ, ଅନୁଦାନ ଏବଂ ସବସିଡିର ସଠିକ୍ ବ୍ୟବହାର ସୁନିଶ୍ଚିତ, ଗ୍ରାମପଂଚାୟତର ସାମଗ୍ରିକ ବିକାଶ ହାସଲ କରିବା ପାଇଁ ଅନ୍ୟାନ୍ୟ ଗ୍ରାମସ୍ତରୀୟ କର୍ମକର୍ତାଙ୍କ ସହ କାର୍ଯ୍ୟ କରିବା । କିନ୍ତୁ ଏହା ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ସରକାର ଏହାଙ୍କୁ ଧ୍ୟାନ ଦେଇ ବିହିତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ବୁଦ୍ଧିଜୀବୀ ମାନଙ୍କର ସରକାର କୁ ଅନୁରୋଧ । ବିଜେପି କେନ୍ଦ୍ରରେ ୧୧ ବର୍ଷ ଓଡ଼ିଶା ରାଜ୍ୟରେ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ କୃଷି ଉପରେ ପର୍ଯ୍ୟାଲୋଚ଼ନା କରାଯାଉଥିବାରୁ ଏଭଳି ଯୋଜନା ମାନ ହାତକୁ ନିଆ ଗଲେ ବିକାଶ ହେବା ସହିତ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ନିଶ୍ଚିତ ଭାବେ ସଫଳତା ଲାଭ କରିବ ।



ପ୍ରମୋଦ କିଶୋର ପରିଡ଼ା

ସମ୍ପାଦକ, ସମର କ୍ରାନ୍ତି ସେନା
ଓଡ଼ିଶା

# ମୋ ଅନୁଭୂତିରେ ଜୁଡ଼ା ଧର୍ମ



ଅନୀତା ପଟ୍ଟନାୟକ

ବସରେ ଓ ଟ୍ରେନରେ ଯାତ୍ରାକଲେ ଅନେକ ସୁଖଦ ଅନୁଭୂତି ହୋଇଥାଏ । ହେଲେ ଥରେ ମୋର ପୁଅ ବିଦେଶ ଯାତ୍ରା ପାଇଁ ଉଡାଜାହାଜରେ ଯିବା ପାଇଁ ଟିକେଟ କରିଥିଲା । ଉଡାଜାହାଜଟି ଉପରକୁ ଉଠି ଯିବା ପରେ ଆକାଶରେ ସ୍ଥିର ହୋଇ ଉଡିବାକୁ ଲାଗିଲା । ମୋ ପାଖରେ ଧଳା ପୋଷାକ ପରହିତ ଜଣେ ବ୍ୟକ୍ତି ବସିଥିଲେ । ତାଙ୍କର ପୋଷାକରେ ଗୋଟିଏ ଷ୍ଟା[ରେ ସାତଟି ମହମବତୀ ଜଳୁଥିବା ପରି ଚିତ୍ର ଥିଲା । ମୁଁ ଦେଖିଲି ତାଙ୍କର ପକେଟରେ ଗୋଟିଏ ତ୍ରିଭୁଜ ଓ ତ୍ରିଭୁଜର ଉପରେ ଗୋଟିଏ ଓଲଟା ତ୍ରିଭୁଜ ଅଙ୍କା ହେବାପରି ଚିହ୍ନଟିଏ ଥିଲା । ଯାହାକି ଏକ ତାରା ପରି ଦେଖାଯାଉଥିଲା ।

ମୁଁ ତାଙ୍କୁ ପଚାରିଲି ତୁମେ କେଉଁ ଧର୍ମର । ସେ କହିଲେ ମୁଁ ଜୁଡ଼ା ସଂପ୍ରଦାୟର । ମୋର ଜୁଡ଼ା ଧର୍ମ ବିଷୟରେ କିଛି ଜ୍ଞାନ ନଥିଲା । ମୁଁ ତାଙ୍କୁ ପଚାରିଲି, ଜୁଡ଼ା ଗୋଟିଏ କି ଧର୍ମ । ସେ ମତେ ବୁଝାଇ କହିଲେ, ଖ୍ରୀଷ୍ଟ ଧର୍ମ ଓ ଇସଲାମ ଧର୍ମ ସେମିଟିକ ଧର୍ମ ସମୂହ ଅନ୍ତର୍ଗତ । ମୁଁ ପଚାରିଲି ସେମିଟିକ ଅର୍ଥ କ'ଣ ? ସେ କହିଲେ 'ଯେଉଁ ଧର୍ମମାନେ ବିଶ୍ୱାସ କରନ୍ତି ଯେ ଭଗବାନଙ୍କର ନିୟମାବଳୀ, ଭଗବାନଙ୍କ ପ୍ରେରିତ ଦୂତ ଦ୍ୱାରା ଆସିଥାଏ । ମୁଁ କହିଲି ଯେପରି ଭଗବାନଙ୍କ ଦୂତ ମହମ୍ମଦଙ୍କ ଦ୍ୱାରା ଇସଲାମ ଧର୍ମ ସୃଷ୍ଟି ହୋଇଛି ? ସେ କହିଲେ ହଁ । ମୁଁ ପଚାରିଲି ଜୁଡ଼ା ଧର୍ମର ଦେବଦୂତ କିଏ ? ସେ କହିଲେ ସେମ୍ ଯେକି ନୋହଙ୍କ ପୁତ୍ର ।'

ମୁଁ କହିଲି ଆମ ଭାରତୀୟମାନଙ୍କର ଧର୍ମଗ୍ରନ୍ଥ ଗୀତା । ତୁମ ମାନଙ୍କର ଧର୍ମ ଗ୍ରନ୍ଥ କ'ଣ ? ସେ କହିଲେ ଆମର ଧର୍ମଗ୍ରନ୍ଥ ହେଉଛି ବାଇବେଲ । ଭଦ୍ରବ୍ୟକ୍ତି ଜଣକ କହିଲେ ବାଇବେଲ ଦୁଇ ଭାଗରେ ବିଭକ୍ତ । ଯଥା ଓଲଡ୍ ଟେଷ୍ଟାମେ[ ଓ ନିଉ ଟେଷ୍ଟାମେ[ । ସେ ଉତ୍ସାହିତ ହୋଇ କହିଲେ ବାଇବେଲର ପ୍ରଥମ ଭାଗ ହେଉଛି ଓଲଡ୍ ଟେଷ୍ଟାମେ[ ସେଥିରେ ଜୀୟୁ ମାନଙ୍କର ଗଳ୍ପ ରହିଅଛି । ସେଥିରେ ଆବ୍ରାହମ ତାଙ୍କର ପୁତ୍ର ଇସାକ୍ ଓ ଅନ୍ୟାନ ମାନଙ୍କ ବିଷୟରେ ଲେଖା ଯାଇଅଛି ।

ସେ କହିଲେ ଇଜିପ୍ଟର ରାଜା ଫେରୋଜ ଜୀୟୁ ମାନଙ୍କୁ ବନ୍ଦୀ କରି ରଖି ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ । ଥରେ ମୋଜେସ ସିନାଇ ପର୍ବର ଏକ ବୁଦାମୂଳକୁ ଯାଇଥିଲେ, ଯାହାକି ସବୁବେଳେ ଜଳୁଥିଲା । ସେଠାରେ ମୋଜେସ ଭଗବାନଙ୍କ ଶବ୍ଦ ଶୁଣିଥିଲେ । ଭଗବାନ ତାଙ୍କୁ କହିଥିଲେ ତୁମେ ଜୀୟୁ ମାନଙ୍କର ଅଗ୍ରଦୂତ ହୁଅ । ସେମାନଙ୍କୁ ବନ୍ଧନରୁ ମୁକ୍ତକର । ମୋଜେସ୍ ଭଗବାନଙ୍କୁ ପଚାରିଲେ ତୁମ ନାଁ କ'ଣ ? ଭଗବାନ କହିଥିଲେ 'ମୁଁ ହେଉଛି ସେ' । ବହୁତ କଷ୍ଟରେ ଜୀୟୁମାନେ ଇଜିପ୍ଟରୁ ମୁକ୍ତ ହୋଇଥିଲେ । ମୁକ୍ତ ହେବାର ମାସେ ପରେ ସେ ସିନାଇ ପର୍ବତକୁ ଯାଇଥିଲେ । ମୋଜେସ ଯେଉଁଠାରେ ଭଗବାନଙ୍କ ଶବ୍ଦ ଶୁଣିଥିଲେ ସେଠାକୁ ଗଲେ । ଭଗବାନ ତାଙ୍କୁ ଦୁଇ ଖଣ୍ଡ ପଥର ଦେଇଥିଲେ । ଯେଉଁଠାରେ ୧୦ଟି ନିୟମାବଳୀ ଖୋଦିତ ହୋଇଥିଲା । ମୋଜେସ ଜୀୟୁ ମାନଙ୍କୁ ଇସ୍ରାଏଲ ନେଇ ଆସିଲେ ଓ ସେଠାରେ ମୋଜେସ ଶେଷ ନିଶ୍ୱାସ ତ୍ୟାଗ କଲେ । ଏହାପରେ ଜୋସୁଆ ସେମାନଙ୍କୁ ପଥ ଦେଖାଇଲେ । ମୋର ଉତ୍ସାହ ବଢ଼ିଗଲା ମୁଁ ପଚାରିଲି ଜୁଡ଼ା ଧର୍ମର ଦୁଇଟି ନିୟମାବଳୀ କ'ଣ ? ସେ କହିଲେ - ୧. ମୁଁ ତୁମର ଭଗବାନ । ତୁମକୁ ଇଜିପ୍ଟର ଜମିର ବନ୍ଧନରୁ ମୁକ୍ତ କରିଛି । ୨. ତୁମେ ଅନ୍ୟ କୌଣସି ଠାକୁରଙ୍କୁ ପୂଜା କରିବ ନାହିଁ । ୩. ଭଗବାନଙ୍କୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ତୁମେ ଦୟା ଚକ୍ଷୁରେ ଦେଖିବ ଓ ଭଗବାନଙ୍କ ନିୟମାବଳୀକୁ ମାନିବ । ୪. ବୃଥାରେ ଭଗବାନଙ୍କ ନାମ ନେବ ନାହିଁ । ୫. ଛଅ ଦିନ କଠିନ ପରିଶ୍ରମ କର, ସପ୍ତମ ଦିନ ହେଉଛି 'ସାବାତ୍' । ଭଗବାନ, ମନୁଷ୍ୟ ଓ ପଶୁ ବିଶ୍ରାମ ନିଅନ୍ତି । ୬. ନିଜର ବାପା ମାଆଙ୍କୁ ସମ୍ମାନ ଦିଅ । ୭. କାହାକୁ ହତ୍ୟା କରନାହିଁ । ୮. କାହାକୁ ଠକ ନାହିଁ । ୯. ଚୋରି କର ନାହିଁ । ୧୦. ତୁମେ ପଡ଼ୋଶୀର ମିଛ ସାକ୍ଷୀ ହୁଅ ନାହିଁ କିମ୍ବା ତାର ଧନ ହଡ଼ପ କରନାହିଁ ।

ମୁଁ ତାକୁ ପଚାରିଲେ ତୁମ ଧର୍ମରେ ଭଗବାନ କେତେ ଜଣ ? ସେ କହିଲେ ଜଣେ । ସେ କହିଲେ ତୋହା ନାମକ ବହି ଜୀଉ ମାନଙ୍କ ଆଇନ ଶୃଙ୍ଖଳା ବିଷୟରେ ଲେଖାଯାଇଛି । ସେ ବହିଟି ଏବେ ତାଲମୁଦ ନମରେ ନାମିତ ହୋଇଛି । ମୁଁ ପଚାରିଲି ଜୀଉ ମାନଙ୍କର ଭାଷା କ'ଣ ? ସେ କହିଥିଲେ ହିବ୍ରୁ । ମୁଁ ପଚାରିଲି ଆମର ଯେପରି ମନ୍ଦିର ଅଛି ତୁମର କ'ଣ ଅଛି । ସେ କହିଥିଲେ 'ସାଇନାପଗ୍' ଓ ଧର୍ମ ପ୍ରଚାରକଙ୍କୁ କୁହାଯାବ ରବି । ସେ ଉଡ଼ାଜାହାଜରେ ମତେ ଗୋଟିଏ ସାତ ମହମବତୀ ଥିବା ଚିହ୍ନ ଫଟୋଟିଏ ଦେଇଥିଲେ । ମୁଁ ତାଙ୍କୁ ଜଗନ୍ନାଥଙ୍କ ଫଟୋଟିଏ ଦେଇଥିଲି ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ*

# ବିସ୍ଫୋରକ ପରିସ୍ଥିତିରେ ଦେଶର ଶରଣାର୍ଥୀ ସମସ୍ୟା



ନିମାଇଁ ଚରଣ ଦାସ

ଶରଣାର୍ଥୀ ପ୍ରସଙ୍ଗରେ ଭାରତ ସର୍ବଦା ଉଦାର ମନୋଭାବ ପୋଷଣ କରିଆସୁଛି । କିନ୍ତୁ ଏହି ଉଦାର ମାନସିକତା ଲାଗି ଭାରତରେ ଶରଣାର୍ଥୀ ସମସ୍ୟା ଭୟଙ୍କର (ବିସ୍ଫୋରକ) ପରିସ୍ଥିତି ସୃଷ୍ଟି କରିବାକୁ ବସିଲାଣି । ବର୍ତ୍ତମାନ ଏହା ଏକ ଚିନ୍ତାର ବିଷୟ ପାଲଟି ଗଲାଣି । କିଛିଦିନ ତଳେ ମାନ୍ୟବର ସୁପ୍ରିମକୋର୍ଟ ଶରଣାର୍ଥୀ ପ୍ରସଙ୍ଗରେ କଡ଼ା ଆଭିମୁଖ୍ୟ ଦେଖାଇ କହିଛନ୍ତି ଯେ 'ଭାରତ ଏକ ଧର୍ମଶାଳା ନୁହେଁ । ଯିଏ ଆସିବ ସିଏ ଆସି ଏଠାରେ ରହିଯିବ । ସାରା ଦୁନିଆରୁ ଆସୁଥିବା ଲୋକଙ୍କୁ ଆମେ ଶରଣ ଦେବାକୁ ଠିକା ନେଇନାହୁଁ । ଭାରତ ଏମିତି ଲୋକଙ୍କ ଶରଣ ଦେଉଛି କାହିଁକି ? ଶ୍ରୀଲଙ୍କାରୁ ଆସିଥିବା ତାମିଲ୍ ଶରଣାର୍ଥୀଙ୍କ ଆବେଦନକୁ ବିଚାର କରି ସୁପ୍ରିମକୋର୍ଟ ଏକଥା ସ୍ପଷ୍ଟ କରିଛନ୍ତି । ସୁପ୍ରିମକୋର୍ଟ ଆହୁରି ଗୁରୁତ୍ୱାରୋପ କରି କହିଛନ୍ତି ଯେ ବର୍ତ୍ତମାନ ଭାରତର ଲୋକସଂଖ୍ୟା ୧୪୦ କୋଟିରୁ ଟପିଲାଣି । ଦେଶ ଉପରେ ଏତେ ଲୋକଙ୍କ ବୋଝ ରହିଛି, ଏଣୁ ଅନେକ ସମସ୍ୟା ବି ରହିଛି । ତେଣୁ ସବୁ ସ୍ଥାନରୁ ଆସୁଥିବା ଶରଣାର୍ଥୀଙ୍କୁ ଶରଣ ଦେବା ସମ୍ଭବ ନୁହେଁ । ସୁପ୍ରିମକୋର୍ଟର ବିଚାରପତି ଦିପାଙ୍କର ଦତା ଏବଂ ବିଚାରପତି ବିନୋଦ ଚନ୍ଦନଙ୍କ ପୀଠ ଶ୍ରୀଲଙ୍କା ଶରଣାର୍ଥୀଙ୍କୁ ଜେଲକୁ ପଠାଯିବା ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ ମନା କରିଦେଇଥିଲେ । ଶରଣାର୍ଥୀଙ୍କୁ ଶରଣ ପ୍ରଦାନ ସମ୍ପର୍କରେ ମାମଲା ଦାଏର୍ କରିଥିବା ଆବେଦନକାରୀ ଓ ଅନ୍ୟ ଦୁଇଜଣଙ୍କୁ ୨୦୨୫ରେ ଶ୍ରୀଲଙ୍କା ଦ୍ୱାରା ପ୍ରତିବନ୍ଧିତ ସଂଗଠନ ଲିଟେ ସହ ଜଡ଼ିତ ଥିବା ଅଭିଯୋଗରେ ଗିରଫ କରାଯାଇଥିଲା । ଗିରଫ ହୋଇଥିବା ଶରଣାର୍ଥୀଙ୍କୁ ଭାରତରେ ସେମାନଙ୍କୁ ଶରଣ ଦେବା ପାଇଁ ସୁପ୍ରିମକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା । ଆବେଦନକାରୀ ଓକିଲ କୋର୍ଟରେ ଦର୍ଶାଇଥିଲେ ଯେ, ଆବେଦନକାରୀ ଓ ଅନ୍ୟ ଦୁଇଜଣ ହେଉଛନ୍ତି ଶ୍ରୀଲଙ୍କାର ନାଗରିକ । ସେମାନେ ଭିସାରେ ଭାରତ ଆସିଥିଲେ । ଶ୍ରୀଲଙ୍କାରେ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି । ସେମାନଙ୍କ ବିରୋଧରେ ନିର୍ବାସନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ଓ ପାଖାପାଖି ୩ ବର୍ଷ ଧରି ସେମାନଙ୍କୁ ନଜରବନ୍ଦି ଅବସ୍ଥାରେ ରଖାଯାଇଛି । ସଂପୃକ୍ତ ଓକିଲଙ୍କ ଏହି ଯୁକ୍ତ ଶୁଣିବା ପରେ ବିଚାରପତି ଦତା ପ୍ରଶ୍ନ କରିଥିଲେ ଯେ ଭାରତରେ ରହିବା ପାଇଁ ଏମାନଙ୍କର କ'ଣ ଅଧିକାର ରହିଛି । ଆବେଦନକାରୀ ଓକିଲ ଯୁକ୍ତ ଦର୍ଶାଇଥିଲେ ଯେ ଏମାନେ ଶରଣାର୍ଥୀ ଅଟନ୍ତି । ଏକଥା ଶୁଣି ବିଚାରପତି ଦତା କହିଥିଲେ ଭାରତରେ ଦୁନିଆର ଯେ କୌଣସି ଦେଶରୁ ଶରଣାର୍ଥୀ ଆସି ବସବାସ କରିପାରିବେ ନାହିଁ । ଏହା ପୂର୍ବରୁ ଅନ୍ୟ ଏକ ପ୍ରସଙ୍ଗରେ ପ୍ରଧାନବିଚାରପତି ଡି ୱାଇ ଚନ୍ଦ୍ରଚୂଡ଼୍ ଏଭଳି ଏକ ମାମଲାର ଶୁଣାଣିବେଳେ କହିଥିଲେ ଯେ, ଶରଣାର୍ଥୀମାନେ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରନ୍ତି ବା କରୁଛନ୍ତି ମଧ୍ୟ । ଭାରତର ସୀମିତ ସଂସାଧନକୁ ଦୃଷ୍ଟିରେ ରଖି ଶରଣାର୍ଥୀ ପ୍ରସଙ୍ଗ ଉପରେ ଅଧିକ ତର୍ଜମା କରାଯିବା ଆବଶ୍ୟକ । ଏହା ପୂର୍ବରୁ ଭାରତ ଅନେକ ଦେଶର ଶରଣାର୍ଥୀଙ୍କୁ ଶରଣ ଦେଇଛି କିନ୍ତୁ ଏହା ଏବେ ସମ୍ଭବ ନୁହେଁ । ବର୍ତ୍ତମାନ ଭାରତକୁ ଶ୍ରୀଲଙ୍କା, ତିବ୍ବତ୍, ମ୍ୟାମାର, ଆଫଗାନିସ୍ଥାନ, ପାଲେଷ୍ଟାଇନ୍ ଓ ସୋମାଲିଆରୁ ଶରଣାର୍ଥୀ ଆସୁଛନ୍ତି । ଶରଣାର୍ଥୀ ସଙ୍କଟକୁ ମାନବୀୟ ମାନସିକତା, ରାଷ୍ଟ୍ରୀୟ ସୁରକ୍ଷା ଏବଂ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟକରି ଏହାର ସମାଧାନ କରାଯାଇପାରେ । ଉଲ୍ଲେଖଯୋଗ୍ୟ ଯେ ଯେତେବେଳେ କୌଣସି ଦେଶର ନାଗରିକଙ୍କୁ ତାଙ୍କ ଦେଶରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ବାଧ୍ୟ ହୋଇ ତାଙ୍କୁ ଅନ୍ୟ ଦେଶରେ ଶରଣ ନେବାକୁ ପଡ଼ିଥାଏ । ଶରଣାର୍ଥୀ ସେଇମାନଙ୍କୁ କୁହାଯାଇପାରେ ଯେଉଁମାନେ ଜାତି, ଧର୍ମ, ରାଷ୍ଟ୍ରୀୟତା, କୌଣସି ବିଶେଷ ସାମାଜିକ ବା ରାଜନୈତିକ ଗୋଷ୍ଠୀର ସଂଘର୍ଷ ଏବଂ ସାର୍ବଜନିକ ବ୍ୟବସ୍ଥାକୁ ଗୁରୁତ୍ୱ ଭାବେ ବାଧିତ କଲାଭଳି ଘଟଣା କାରଣରୁ ନିର୍ଯାତିତ ହୋଇ ଅନ୍ତର୍ଜାତୀୟ ସୀମା ପାରକରି ଅନ୍ୟ ଦେଶକୁ ପଳାଇ ଆସିଥାନ୍ତି । ଏହି ଶରଣାର୍ଥୀ ସମସ୍ୟା ବିଗତ ଏକ ଶତାବ୍ଦୀ ହେବ ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି । ବିଭିନ୍ନ ପ୍ରାକୃତିକ ଏବଂ ମାନବୀୟ ଆପଦା ଯଥା – ଭୂମିକମ୍ପ, ସୁନାମି, ମରୁଡ଼ି, ଦାରିଦ୍ର୍ୟତା, ଗୃହଯୁଦ୍ଧ, ଆତଙ୍କବାଦ ଭଳି ପରିସ୍ଥିତିରେ ବିସ୍ଥାପନ ବଢୁଛି । ଦାରିଦ୍ର୍ୟ, ଗୃହଯୁଦ୍ଧ ଏବଂ ଆଭ୍ୟନ୍ତରୀଣ ସଂଘର୍ଷ କାରଣରୁ ଲେବାନନ, ସିରିଆ ଏବଂ ଲିବ୍ୟାରୁ ବହୁ ସଂଖ୍ୟାରେ ଲୋକମାନେ ୟୁରୋପୀୟ ଦେଶମାନଙ୍କୁ ପଳାୟନ କରୁଛନ୍ତି । ଆଫଗାନିସ୍ଥାନରେ ଶାସନ ପରିବର୍ତ୍ତନ କାରଣରୁ ବିସ୍ଥାପିତଙ୍କ ସଂଖ୍ୟା ବଢୁଛି । ଭାରତ ସବୁବେଳେ ପଡ଼ୋଶୀ ଦେଶ, ପାକିସ୍ଥାନ, ନେପାଳ, ତିବ୍ବତ୍, ମ୍ୟାମାର ଓ ବାଂଲାଦେଶରୁ ଭାରତକୁ ଆସୁଥିବା ରୋହିଙ୍ଗିଆ ଶରଣାର୍ଥୀଙ୍କ ପାଇଁ ସମସ୍ୟାରେ ପଡୁଛି । ବର୍ତ୍ତମାନ ରୋହିଙ୍ଗିଆ ମୁସଲମାନ ଓ ବାଂଲାଦେଶୀ ଶରଣାର୍ଥୀମାନେ ଭାରତରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରୁଛନ୍ତି । ଯଥା ଚୋରୀ, ଲୁଟ୍‌ପାଟ୍, ହତ୍ୟା, ରାହାଜାନି, ରେପ୍, ମର୍ଡର, ଆତଙ୍କବାଦ ଭଳି ଘଟଣା ଘଟାଉଛନ୍ତି । ଭାରତରେ ଆଶ୍ରୟ ନେଇ ଆମ ଦେଶର ହିନ୍ଦୁମାନଙ୍କୁ ହତ୍ୟା କରୁଛନ୍ତି । ବିଶେଷ କରି ବାଂଲାଦେଶୀ ରୋହିଙ୍ଗିଆ ମୁସଲମାନ ଦେଶର ବିଭିନ୍ନ ସ୍ଥାନରେ ବସତି ସ୍ଥାପନ କରି ଭାରତର ଆଧାର କାର୍ଡ଼, ଭୋଟର କାର୍ଡ଼ ହାତେଇ ଭାରତର ନାଗରିକଙ୍କ ଭଳି ସବୁ ସୁବିଧା ଉପଭୋଗ କରୁଛନ୍ତି । ଏହା ସହିତ ରୋହିଙ୍ଗିଆ ମୁସଲମାନମାନେ ଭାରତର ଝିଅ ଓ ବୋହୂ ମାନଙ୍କ ପ୍ରତି ଅତ୍ୟାଚାର କରୁଛନ୍ତି । ଯାହା ଫଳରେ ହିନ୍ଦୁମାନେ ନିଜର ଘରଦ୍ୱାରା ଛାଡ଼ି ଅନ୍ୟ ରାଜ୍ୟକୁ ପଳାୟନ କରିବାକୁ ବାଧ ହେଉଛନ୍ତି । ଆମ ଦେଶରେ ରହି ଆମ ତଡ଼ିବାକୁ ବସିଲେଣି । ଜାତିସଂଘ ୨୦୨୩-୨୪ ରିପୋର୍ଟ ଅନୁଯାୟୀ ୧୧.୭ କୋଟି ଲୋକ ବିସ୍ଥାପିତ ହୋଇଥିଲେ । ବିଶ୍ୱର ପ୍ରତି ୬୯ ଜଣରେ ଜଣେ ବ୍ୟକ୍ତିଙ୍କୁ ବିସ୍ଥାପିତ ହେବାକୁ ପଡୁଛି । ଭାରତକୁ ପାକିସ୍ଥାନ ଓ ବାଂଲାଦେଶରୁ ଅଧିକାର ମୁସଲିମ୍ ଶରଣାର୍ଥୀ ଆସୁଛନ୍ତି । କାରଣ ଭାରତ ହେଉଛି ବିଶ୍ୱର ଆନ୍ତର୍ଜାତୀୟ ପ୍ରବାସୀଙ୍କ ପାଇଁ ଏକ ବଡ଼ ଠିକଣା । ୨୦୧୫ ସୁଦ୍ଧା ୫୩ଲକ୍ଷ ବିଦେଶୀ ଭାରତରେ ରହୁଥିଲେ । ଏମାନଙ୍କ ମଧ୍ୟରୁ ୩୨ଲକ୍ଷ ବାଂଲାଦେଶର ଓ ୧୧ଲକ୍ଷ ପାକିସ୍ଥାନର । ବର୍ତ୍ତମାନ ଏହି ସଂଖ୍ୟା ବହୁ ସଂଖ୍ୟାରେ ବଢ଼ିଯାଇଛି । ପାକିସ୍ଥାନର ପ୍ରାୟ ୫୦ଲକ୍ଷ ଓ ବାଂଲାଦେଶର ପ୍ରାୟ ୧କୋଟି ଲୋକ ଭାରତରେ ରହୁଥିବା ଆକଳନ କରାଯାଉଛି । ଏଣୁ ଭାରତ ସରକାରଙ୍କୁ ଧ୍ୟାନ ରଖିବାକୁ ପଡ଼ିବ ଯେମିତି ଦେଶର ନାଗରିକଙ୍କ ଅଧିକାର ପ୍ରଭାବିତ ନହୁଏ । କେନ୍ଦ୍ର ସରକାର ଶରଣାର୍ଥୀଙ୍କ ପ୍ରତି ଉଦାର ମନୋଭାବ ପରିବର୍ତ୍ତେ ତାର୍କିକ ଏବଂ କଠୋର ମନୋଭାବ ଆପଣେଇବା ଆବ୍ୟକ । ଅନ୍ୟଥା ଦେଶରେ ଶରଣାର୍ଥୀଙ୍କ ସମସ୍ୟା ଭୟଙ୍କର ରୂପ ନେଇପାରେ ।

*ବରିଷ୍ଠ ସାମ୍ବାଦିକ*

# ସାହିତ୍ୟ ଦର୍ପଣ



# ଟିକେ ଛାଇ ଟିକେ ଖରା



ସୁଦର୍ଶନ ମହାପାତ୍ର

ପାସେଞ୍ଜର୍ ଟ୍ରେନ୍ ?ରେ ସାପ୍ତାହିକ ହାଟ ପରି ବିଭିନ୍ନ ବର୍ଗର ଲୋକଙ୍କର ସମାଗମ। ଟ୍ରେନରେ ମଧ୍ୟମ ଧରଣର ଭିଡ଼ ଥିଲା। କିଛି ଲୋକ ନିଜ ନିଜ ଦୁନିଆରେ ମଗ୍ନ। କ୍ୱଚିତ୍ କେହି କାହା ସହିତ ପଦେ କଥା ହେଉଥାନ୍ତି। କାହାରି ଆଖିରେ ଚମକ ନାହିଁ। ପୂରା କମ୍ପାର୍ଟମେଣ୍ଟ ନିଷ୍ପ୍ରଭ ଲାଗୁଥିଲା। ସମସ୍ତେ ଯେମିତି ଦୁଃଖୀ, ଅନ୍ତର୍ଲୀନ ନିଜ ନିଜ ଭିତରେ ନୀରଜ ପରି।

ଦୀର୍ଘ ବିରକ୍ତିକର ରେଳଯାତ୍ରାରେ ବୋଧହୁଏ ସମସ୍ତେ କ୍ଳାନ୍ତ ହୋଇପଡ଼ିଥିଲେ। ନୀରଜ ମାଗାଜିନ୍ ଟିଏ ଧରିଥିଲା।ଏଇ ପରିସ୍ଥିତିରେ ସେ ଆରାମରେ ବସି ମାଗାଜିନ୍ ରୁ କିଛି ପୃଷ୍ଠା ପଢ଼ିବାକୁ ଚାହିଁଲା। ଠିକ୍ ଏଇ ସମୟରେ ସିଟ୍ ଆଡଜଷ୍ଟମେଣ୍ଟ ଅନୁରୋଧ ପୂର୍ବକ ତା ପାଖରେ ଆସି ବସିଲେ ଜଣେ ଭଦ୍ରବ୍ୟକ୍ତି ଏବଂ ତାଙ୍କ ପାଖକୁ ଲାଗି ବସିଲେ ତାଙ୍କରି ଚିହ୍ନା ପରିଚିତି ଆଉ ଜଣେ ବ୍ୟକ୍ତି।

ପାଖରେ ଆସି ବସିଥିବା ବ୍ୟକ୍ତି ଜଣକ ଆର ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା ଆରମ୍ଭ କଲେ। ପାଇଖାନା ଠାରୁ ପରିଷଦ, ସେଇଠୁ ପାର୍ଲିଆମେଣ୍ଟ , ରାଜନୀତି, ରାଷ୍ଟ୍ରପତି, ଯୁଦ୍ଧ ପର୍ଯ୍ୟନ୍ତ ତାଙ୍କ ଗପ ଲମ୍ବିଥିଲା। ସେ ଗପ ଶେଷ ହେଉ ନଥିଲା।ଆର ବ୍ୟକ୍ତି ଜଣଙ୍କ ଥରେ ଅଧେ ହଁ ନା ରେ କଥା ସାରୁଥିଲେ।ନୀରଜ ମଝିରେ ମଝିରେ ଭଦ୍ରବ୍ୟକ୍ତିଙ୍କ ଆଡ଼କୁ ବିରକ୍ତିର ଚାହାଣି ଫିଙ୍ଗି ନିଜର କ୍ଷୋଭ ପ୍ରକାଶ କରୁଥିଲା ସିନା କିଛି କହି ପାରୁନଥିଲା। ହେଲେ ଭଦ୍ରବ୍ୟକ୍ତିଙ୍କର କୌଣସି ଭାବାନ୍ତର ନଥିଲା। ସେ ତାଙ୍କ ବିବୃତିରେ ବିଭୋର ଥିଲେ।

ସାମ୍ନାରେ ଟିକିଏ ବାଁ'ପଟକୁ ବସିଥିବା ଯୁବକ ଜଣକ ତା' ହାତରେ ଥିବା ମାଗାଜିନଟି ଆଡକୁ ଆଶାୟୀ ଦୃଷ୍ଟିରେ ଚାହିଁଛି ବୋଲି ନୀରଜର ହୃଦବୋଧ ହେଲା।କେତେଦିନ ହେବ କଟା ଯାଇନଥିବା ଦାଢ଼ି, ପ୍ରେସ୍ ହୋଇନଥିବା ଲୋଚାକୋଚା ଭାଙ୍ଗ ପଡ଼ିଥିବା ସାର୍ଟ ଖଣ୍ଡେ ପିନ୍ଧି ଅନାସକ୍ତ ଚେହେରାର ଯୁବକଟି ନକରାତ୍ମକତା ଭାବକୁ ହିଁ ପ୍ରଦର୍ଶନ କରୁଥିଲା। ଯୁବକ ଜଣକ ଖୁବ୍ ଅବ୍ୟବସ୍ଥିତ ବୋଲି ଲାଗୁଥିଲା।ନୀରଜର ମନ ଚାହିଁଲା ନାହିଁ ନିଜ ତରଫରୁ ତା ହାତକୁ ମାଗାଜିନଟିକୁ ବଢେଇ ଦେବାକୁ। ନୀରଜର ଭାବଭଙ୍ଗୀ ଦେଖି ଯୁବକଟି ବୋଧହୁଏ ମାଗାଜିନ୍ ମାଗିବାକୁ ସାହସ କରିନଥିଲା।

ମଧ୍ୟାହ୍ନର ହାଲୁକା ଖରାର କୌଣସି ପ୍ରଭାବ ନଥିଲା ଟ୍ରେନ୍ ଭିତରେ। ସମସ୍ତ ଯାତ୍ରୀ ବ୍ୟକ୍ତିଗତ ଭାବେ ସ୍ଥିର ଅଥଚ ସାମୂହିକ ଭାବେ ଗତିଶୀଳ ଥିଲେ। ନୀରଜର ଆଖିପତା ନଇଁ ଆସୁଥିଲା। ସେତିକି ବେଳକୁ ଧୀମା ହେଇଗଲା ଟ୍ରେନ୍ ?ର ଗତି।ବାଲୁଗାଁ ଷ୍ଟେସନ୍ ?ରେ ଅଟକିଲା ଟ୍ରେନ୍। ସାମ୍ନା ସିଟ୍ ରେ ବସିଥିବା ଦମ୍ପତି ତରତର ହୋଇ ଓହ୍ଲାଇ ଯିବାର ଦେଖିଲା ନୀରଜ।

ଏତିକି ବେଳକୁ ଶୁଭିଲା ଭଦ୍ରବ୍ୟକ୍ତିଙ୍କର ସ୍ୱର।

-''ନୀରୁ...! ଏପଟକୁ ଉଠିଆ। ସିଟ୍ ଖାଲି ହେଲା।'

କିଛି ସମୟର ନୀରବତା ପରେ ଶୁଭିଲା ଜଣେ ମହିଳାଙ୍କ ସ୍ୱର 'ହଁ ଯାଉଛି' ।ଭଦ୍ରବ୍ୟକ୍ତି ନୀରଜ ହାତରୁ ମାଗାଜିନ୍ ଟିକୁ ଟାଣି ନେଇ ଖାଲି ଥିବା ସିଟ୍ ଉପରେ ରଖି ଆଗନ୍ତୁକାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଦେଲେ।

ନୀରଜ ବାହାରକୁ ଚାହିଁଲା। ବାଲୁଗାଁ ଷ୍ଟେସନ୍ ଯେମିତି ମୁମୂର୍ଷୁ ମାଛଟିଏ ପରି ସାମାନ୍ୟ ହଲଚଲ୍ ହେଉଥିଲା। ଏତେ ଫାଙ୍କା ଓ କୋଳାହଳଶୂନ୍ୟ ହୋଇପାରେ ଗୋଟେ ଷ୍ଟେସନ୍ ! ଲୌହ ଦାନବଟି ବାଲୁଗାଁ ଷ୍ଟେସନ୍ ?ର ନୀରବତାକୁ ଦଳିମକଚି ଦେଇ ବାହାରି ଯିବାକୁ ଉଦ୍ୟତ ହେଲା ବେଳକୁ ହଠାତ୍ ସାମ୍ନାରେ ଦୃଶ୍ୟ ହେଲା ଆଲୁଅର ଫୁଆରା !!

ଗୋଟିଏ ଝଲକରେ ନୀରଜର ତନ୍ଦ୍ରା ତୁଟିଗଲା। ସେ ସତେଜ ହୋଇଗଲା ମୁହୂର୍ତ୍ତକରେ। ଅତି ସାଧାରଣ ଚେହେରା, କିନ୍ତୁ ଅସାଧାରଣ ଭାବେ ଆକର୍ଷଣୀୟା ଝିଅ ! ଭାସି ଆସିଥିବା ମେଘଖଣ୍ଡ ପରି ଧିରେ ଆସି ସାମ୍ନାରେ ବସିଗଲା ସେ। ସେଇ ଅସନା ଯୁବକ ଜଣକ ତାକୁ ଚାହିଁ ରହିଲା। ସେଠି ଥିବା ଅନ୍ୟମାନେ ମଧ୍ୟ ସମାନ ଭାବରେ ଉତ୍ସୁକ ହୋଇ ଝିଅଟିକୁ ଚାହିଁଲେ ବୋଲି ନୀରଜର ମନେ ହେଲା। ହେଲେ ସେଇ ଭଦ୍ରବ୍ୟକ୍ତିଙ୍କ ଭୟରେ ସମସ୍ତେ ଥତମତ ହେଉଥିଲେ ପ୍ରାୟ !

ଝିଅଟି ପିନ୍ଧିଥିବା ଫିକା ହଳଦିଆ ରଙ୍ଗର ମଣ୍ଡଦିଆ ଶାଢ଼ୀରେ ସବୁଜ ରଙ୍ଗର ଧଡ଼ି ଉପରେ ଧାରେ ଜରିପଟି ଥିଲା। ତା ସାଙ୍ଗକୁ ମ୍ୟାଚିଂ ସବୁଜ ରଙ୍ଗର ବ୍ଲାଉଜ୍ ପିନ୍ଧିଥିବା ସେ । ସଦ୍ୟ ତୋଳା ହୋଇଥିବା ଚମ୍ପା ଫୁଲଟିଏ ପରି ନୀରଜକୁ ଦିଶିଲା ସେ। ସେ ବୋକାଙ୍କ ପରି ତାକୁ ଚାହିଁ ରହିଲା।

ତା ଆପାଦମସ୍ତକ ଉପରେ ଧୀରେ ଧୀରେ ଘୁରୁଥିଲା ନୀରଜର ନଜର। ଶିକାରୀର ନଜର ପରି ନୁହେଁ ବରଂ ଜଣେ ସୌନ୍ଦର୍ଯ୍ୟଗ୍ରାହୀର ନଜର ଦେଖୁଥିଲା ଝିଅଟିର ଢିଲାରେ ବନ୍ଧା ଯାଇଥିବା ଗହଳ କେଶକୁ। ଜୁଡ଼ା ବାନ୍ଧିବା ବି ଗୋଟେ କଳା, ଏଇ ପ୍ରଥମଥର ଜାଣିଲା ସେ। କାନ ପାଖରେ ଦୁଇ କେରା ଅବିନ୍ୟସ୍ତ କେଶ ପବନରେ ଉଡ଼ି ଆସି ଗାଲ ଛୁଇଁ ଯାଉଥାଏ ଥରକୁ ଥର। ଆକର୍ଷଣର କଣ କୌଣସି ନିୟମ ଅଛି ! କେହି ରୋକି ପାରିବ କାହାକୁ ମୁଗ୍ଧ ଦୃଷ୍ଟିରେ ଚାହିଁବାକୁ ! ସେ ନିୟନ୍ତ୍ରଣ ହରେଇ ବସୁଥିଲା ନିଜ ଉପରୁ। ଅପଲକ ଭାବେ ଦୁଇ ତିନି ମିନିଟ୍ ଧରି ଚାହିଁବା ପରେ ଚା'ବାଲାର ଡାକରେ ସଚେତ ହେଲା ନୀରଜ। କିଛି ସମୟ ହେଲା ଢୁଳେଇ ପଡ଼ିଥିବା ଭଦ୍ରବ୍ୟକ୍ତି ମଧ୍ୟ ଆଖି ଖୋଲିଲେ ଏବଂ ଖଣ୍ଡେ ଆଗକୁ ଚାଲି ଯାଇଥିବା ଚା' ବାଲାକୁ ପାଖକୁ ଡାକିଲେ।

ନୀରଜ ବି ଧରିଲା ଗୋଟିଏ କପ ଚା'।

ତା' ସାମ୍ନାରେ ଚମ୍ପାଫୁଲ ସେମିତି ନୀରବରେ ବସିଥିଲା। ନୀରଜ ତାକୁ ଆହୁରି ସୂକ୍ଷ୍ମଭାବେ ଅନୁଧ୍ୟାନ କରି ଚାଲିଥିଲା।କମନୀୟ ସୁଠାମ ଶରୀରର ଅଧିକାରିଣୀ ଥିଲା ସେ। ଅଧିକ ଗୋରା ନୁହେଁ, ମଧୁର ମିଠା ରଙ୍ଗର ଦେହ ତାର। ଗହମ ଗୋରି କୁହାଯିବ।ଗୋଲାପି ମାର୍ବଲର ଛୋଟ ଏକ ଫଳକ ପରି ତା କପାଳ..।

ସେ ଧୀରେ ଧୀରେ ତା ସୌନ୍ଦର୍ଯ୍ୟର ଉପାସକ ପାଲଟୁଥିଲା। ଝିଅଟିର ବାଁ'ପଟ କାନ ତଳକୁ ଥିଲା କଳାଜାଇଟିଏ। ନଚାହିଁଲେ ବି ଛାଏଁ ନଜର ଚାଲିଯିବ ସେଇଠିକୁ। ତା ପୂରିଲା ଓଠ ଧାର ପାଖରେ ଯେମିତି ଧକ୍କା ଖାଉଥିଲେ ଅନେକ ଢେଉ। ସେ କିଛି କହିବ କି ? ଯାହା ସେ କାହାକୁ କେବେ କହିନାହିଁ !!

ନୀରଜ ମନେ ମନେ ଆକଳନ କରୁଥିଲା, କଣ କହିବାକୁ ଚାହେଁ ସେ ! ଦୁଇ ଆୟତ ଚକ୍ଷୁରେ ଅୟୁତେ ପ୍ରଶ୍ନର କୁହେଳି, ପଲକରେ ଲିଭିଯାଇ ପୁଣି ଉଦ୍ଭାସିତ ହେଉଥାଏ। ନୀରଜ ଜଣେ ପ୍ରାଜ୍ଞ ମୁନି ପରି ଧୈର୍ଯ୍ୟ ସହକାରେ ଅପେକ୍ଷା କରୁଥିଲା ତାକୁ , କେତେବେଳେ ସେ ତା ପ୍ରଶ୍ନ ଅଥବା ସଂଶୟକୁ ତା ଆଗରେ ଉପସ୍ଥାପନ କରିବ।

କିନ୍ତୁ ସେମିତି କିଛି ହେଲା ନାହିଁ। ସେ ସେମିତି ନୀରବ ଥିଲା। କେବଳ ତା ମହକରେ ବିଭୋର, ଆତ୍ମବିସ୍ମୃତ ହେଉଥିଲା ନୀରଜ। ଏମିତି ନୁହେଁ କି ସେ ଆଖିବୁଜି ବସିଥିଲା। କେତେଥର ସେଇ ସୁନୟନାର ନଜର ସହିତ ଅପ୍ରତ୍ୟାଶିତ ଭାବେ ନୀରଜର ନଜର ମିଶିଯିବା ବେଳେ ଦୁହେଁ ନଜର ଫେରେଇ ନେଉଥିଲେ ଚୋରଙ୍କ ପରି। ପରସ୍ପରଠାରୁ ଲୁଚେଇବାକୁ ଚେଷ୍ଟା କରୁଥିଲେ ସିନା ଧରା ପଡୁଥିଲେ ପରସ୍ପର ଆଗରେ।

ଝିଅଟି ଝରକାପଟକୁ ନଜର ବୁଲେଇ ନେଲା। ନୀରଜ ତା ଆଖି ଡୋଳାରେ ଦେଖୁଥିଲା, ଝରକା ଆରପଟେ ଅବିଶ୍ରାନ୍ତ ଦୌଡୁଥିବା ବଣପାହାଡ଼, ଗଛଲତା, ନଈନାଳ, କୋଠାବାଡ଼ିର ଚଳମାନ ଚିତ୍ର ସବୁକୁ। ବେଳେ ବେଳେ ଏକତରଫା ଭାବନାରେ ଲମ୍ବି ଯାଉଥିବା ଖିଅରେ ନୀରଜ ବାଟବଣା ହୋଇ ଯାଉଥାଏ। କେବେ କେବେ ତା'ର ଅଜ୍ଞାତସାରରେ ଓଠରେ ଖେଳିଯାଉଥିଲା ହସଖିଏ।ପର ମୁହୂର୍ତ୍ତରେ ନିଜ ତର୍ଜମାରେ ଉପନୀତ ହେଉଥିଲା ଯେ ତା ପରି ମୂର୍ଖ ହିଁ ଏମିତି ପ୍ରେମରେ ପଡ଼େ ?। ହିସାବ ରଖେନା କୂଳ କିନାରାର। ଲମ୍ଫ ଦିଏ ଅକାତ ପାଣିରେ ଗଭୀର ବିଶ୍ୱାସର ସହିତ। ତଥାପି ସେ ଜଣେ ଅସାମାନ୍ୟା ସୁନ୍ଦରୀର ସ୍ତାବକ ପାଲଟୁଥାଏ ଅନ୍ତଃକରଣରେ ।ଏ ରୂପାନ୍ତରଣ କେବଳ ଗୋଟିଏ ପ୍ରେମିକ ମନର ହୋଇପାରେ।

ନୀରଜ ତା ହାତକୁ ଚାହିଁ ଚକିତ ହେଲା । କୋମଳତା ଫୁଟି ଉଠୁଥିଲା ଝିଅଟିର ଦୁଇ ହାତରେ। କିଏ ସେ ଭାଗ୍ୟବାନ୍ ବ୍ୟକ୍ତି, ଯିଏ ତା'ର ହାତ ଧରିବ ! ତା ଦେହରେ ତଡ଼ିତ୍ ଖେଳିଗଲା।

ପ୍ରେମୀ-ପ୍ରେମର ଲୁଚକାଳି ଖେଳ ଆରମ୍ଭ ହୋଇସାରିଥିଲା ନୀରଜ ଭିତରେ। ସେ ଝିଅଟି ପାଇଁ ସୁନ୍ଦର ନାଁଟିଏ ତିଆରି କରୁଥିଲା ମନେ ମନେ। ଅନେକ ଭାବନା ଭିତରେ 'ସୁନୟନା' ନାଁ ଟି ତାକୁ ଭଲ ଲାଗିଲା।ତା'ର ଦେହର ଗଢ଼ଣରୁ ଅନୁମାନ ଲଗାଇବାକୁ ଚେଷ୍ଟା କଲା, କେତେ ହୋଇପାରେ ବୟସ ? ବୟସ ଅତି ବେଶିରେ ପଚିଶ କିମ୍ବା ଛବିଶ ହେବ ବୋଧେ।

ଇଚ୍ଛା ହେଉଥିଲା ତାକୁ ଏକାନ୍ତରେ ଭେଟି ତା ମନରେ ଉଙ୍କି ମାରୁଥିବା ସବୁ ପ୍ରଶ୍ନର ଉତ୍ତର ମାଗନ୍ତା। ମନଘୋଡ଼ାର ଗତି ଯେତିକି ତୀବ୍ର ହେଉଥାଏ, ସେ ସେତିକି ଜୋର୍ ?ରେ ଲଗାମ୍ ଟାଣି ଧରୁଥିଲା। ଅଣନିଃଶ୍ୱାସୀ ଲାଗୁଥିଲା ତାକୁ ନିଜ ସହିତ ଛକାପଞ୍ଝା ଖେଳୁ ଖେଳୁ।

ଇତି ମଧ୍ୟରେ ଭଦ୍ରବ୍ୟକ୍ତି ଜଣକ ତା ହାତରୁ ନେଇଥିବା ମାଗାଜିନ୍ ଟିକୁ ପଢ଼ି ବସିଲେ। ମନେ ମନେ କିନ୍ତୁ ନୀରଜ ଅଶ୍ୱସ୍ତି ଅନୁଭବ କଲା। ଭଦ୍ରବ୍ୟକ୍ତି ପଢ଼ି ବସିବେ ତ ଆର ଲୋକଟି ସହିତ କଥାବାର୍ତ୍ତା ବନ୍ଦ ହୋଇଯିବ। ଭଦ୍ରବ୍ୟକ୍ତିଙ୍କର ଯେଉଁ ପାଟି କିଛି ସମୟ ଆଗରୁ ନୀରଜକୁ ବିରକ୍ତ କରୁଥିଲା ଏବେ ସେଇ ପାଟିକୁ ସେ ଅନ୍ତଃକରଣରେ ଚାହୁଁଥିଲା।କାରଣ ସେଇ ସୁଯୋଗରେ କାଳେ ସେ ସୁନୟନା ସହିତ ସମ୍ପର୍କ ତିଆରି ପାରିବ।

ସତକୁ ସତ ତା ଭାବନା ସହିତ ଘଟଣାର ମେଳକ ହେଲା। ଟିକିଏ ସମୟ ପରେ ସେଇ ମାଗାଜିନ୍ ରେ ଥିବା ଗୋଟିଏ ଟପିକ ନେଇ ଆରମ୍ଭ ହୋଇଗଲା କଥା। ଏବେ ପୁଣି ଥରେ ଖୁବ୍ ଉଚ୍ଚସ୍ୱରରେ ଆଲୋଚନା କରିଲେ ଦୁଇଜଣ ଯାକ।ଇତି ମଧ୍ୟରେ ଭଦ୍ରବ୍ୟକ୍ତିଙ୍କ ପାଟିରୁ ପାନ ଛେପ ବୁନ୍ଦାଏ ଆସି ନୀରଜ ହାତରେ ପଡିଲା। ସେ କିଛି କହିବାକୁ ଉଦ୍ୟତ ହେଲା ବେଳକୁ ହଠାତ୍ ତା ନଜର ଝିଅଟି ଉପରେ ପଡ଼ିଗଲା। ତା ଆଖିରେ ଏକ ପ୍ରକାର ଅନୁନୟ ଭାବ ଥିଲା। ନୀରଜ ଚୁପ୍ ହୋଇଗଲା। ଉଦ୍ଦେଶ୍ୟ କେବଳ ଏତିକି, ଝିଅଟି ଖରାପ ନଭାବୁ।

ପରସ୍ପରର ନଜର ଆଢୁଆଳରେ ଦୁହେଁ ଦୁହିଁଙ୍କୁ ଦେଖିବାର ଏକ ବିଚିତ୍ର ଖେଳ ଜାରି ରହିଥିଲା। ସେଇ ମୁହୂର୍ତ୍ତରେ ନୀରଜ ଭିତରେ କେବଳ ଏକ ପ୍ରେମିକ ପୁରୁଷର ସତ୍ତା ରୋମାଞ୍ଚିତ ହେଉଥିଲା। ଝିଅଟିକୁ ପଚାରିବାକୁ ତା ପାଖରେ ଶହେ ପ୍ରଶ୍ନ ଥିଲା। କିନ୍ତୁ, ପଦଟିଏ ଉଚ୍ଚାରି ପାରିଲାନି ସେ। ତା'ର ବ୍ୟକ୍ତିତ୍ୱ ତାକୁ ସେତିକି କରିବାକୁ ପ୍ରଶ୍ରୟ ଦେଲା ନାହିଁ। ନୀରବରେ କେବଳ ଝିଅଟିକୁ ବିଶ୍ଳେଷଣ କରୁଥିଲା ସେ।

ହଠାତ୍ ନୀରଜର ଖିଆଲ ଆସିଲା ଜଟଣୀ ଷ୍ଟେସନରେ ଟ୍ରେନ ଛିଡା ହୋଇ ସାରିଛି ବୋଲି। ସେ ନିଜକୁ ପ୍ରସ୍ତୁତ କଲା ଭିତରେ ଭଦ୍ରବ୍ୟକ୍ତି ଜଣକ ନିଜ କଥାବାର୍ତ୍ତା ଜାରି ରଖି ନୀରଜ କୁ ତା'ର ମାଗାଜିନ୍ ଫେରେଇ ଦେଲେ।

ତରତର ହୋଇ ବାହାରିଲା ବେଳକୁ ଥରେ ସେ ଫେରି ଚାହିଁଲା ପଛକୁ। ଝିଅ ଟି ହସୁଥିଲା ତା ଆଡେ ଚାହିଁ। ସତେକି ଅନନ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଲା ନୀରଜକୁ..!

ଆଉଥରେ ଟ୍ରେନରେ ଚଢ଼ିଯିବ ବୋଲି ମନକଲା ବେଳକୁ ଗତିଶୀଳ ହୋଇ ସାରିଥିଲା ଏକଦା ନିର୍ଜୀବ ହୃଦୟହୀନ ଭଳି ଲାଗୁଥିବା ଟ୍ରେନଟି।

ହଠାତ୍ ଯେମିତି ନୀରଜ ଅବସାଦ ଗ୍ରସ୍ତ ହୋଇ ପଡିଲା। ଭଙ୍ଗା ମନ ନେଇ ଘରକୁ ଫେରିଲା। ଝିଅଟି ସହିତ ଦି' ପଦ କଥା ନ ହୋଇ ପାରିବାର ଅବସୋସ ରହିଗଲା ତା'ର।

ପର ଦିନର ଘଟଣା।

ସେଦିନ ଥିଲା ରବିବାର। ଯେଉଁ ଉଦ୍ଦେଶ୍ୟରେ ତାକୁ ଘରକୁ ଆସିବାକୁ ବାଧ୍ୟ କରାଯାଇଥିଲା ସେ ସମୟ ଶୀଘ୍ର ଉପନୀତ ହେବାକୁ ଯାଉଥିଲା। ତା' ପସନ୍ଦ ଅପସନ୍ଦ କୁ ଅଣଦେଖା କରି ବାପା ଠିକ୍ କରିଥିବା ଝିଅକୁ ବିବାହ ପାଇଁ ରାଜି କରାଇବାକୁ ଯେକୌଣସି ମୁହୂର୍ତ୍ତରେ ତାକୁ ଡକାଇବେ ନିଶ୍ଚୟ। ଭଉଣୀ ଠାରୁ ଏ ଖବର ଆଗୁଆ ପାଇ ସାରିଥିଲା ନୀରଜ।

କେତେ ସବୁ ପ୍ରସ୍ତାବ କୁ ସେ ଅଣଦେଖା କରି ଆସିଛି ଦୁଇ ବର୍ଷ ହେବ।ଆଉ ନୁହେଁ।ଘର ଲୋକେ ବ୍ୟତିବ୍ୟସ୍ତ। ବାପା ଉତକ୍ଷିପ୍ତ। ବାପାଙ୍କୁ ଆଉ କିଛି କହି ହେବନି। ଦ୍ୱିଧାରେ ନୀରଜ। ସେପର୍ଯ୍ୟନ୍ତ ପଢି ପାରିନଥିବା ମାଗାଜିନ୍ ଟିକୁ ଧରିଲା ନୀରଜ। ପୁଣି ଥରେ ମନରେ ଆସିଲା ସେଇ ଝିଅଟି। ଗତକାଲି କଥା ନହୋଇପାରିବାର ଅବସୋସରେ ଭରିଗଲା ମନ। ଏତିକି ବେଳକୁ ମୋବାଇଲରେ ଆସିଲା ମେସେଜର ଶବ୍ଦ।

' ଶ୍ରଦ୍ଧେ ?ୟ ନୀରଜ ! ମୁଁ ନିର୍ଲିପ୍ତା ର ବାପା। ଗତକାଲି ଟ୍ରେନ ରେ ଆମର ଦେଖା ହୋଇଥିଲା। ତୁମ ମାଗାଜିନ୍ ରୁ ତୁମ ଠିକଣା, ତୁମ ଡେଜିଗନେଶନ୍, ତୁମ ଫୋନ୍ ନମ୍ବର ପାଇଥିଲି। ମୋତେ ଲାଗିଲା ମୋ ଝିଅ ତୁମର ପସନ୍ଦ ବୋଲି। ଝିଅ ସହିତ ମଧ୍ୟ କଥା ହେଲି। ସେଥିପାଇଁ ତୁମକୁ ଏ ମେସେଜ କରିଛି।ନିରୁ ତୁମର ପସନ୍ଦ ଥିଲେ ଜଣାଇବ। ତାପରେ ମୁଁ ଝିଅର ଫଟୋ ପଠାଇବି ତୁମ ପରିବାରର ସମ୍ମତି ପାଇଁ। ଝିଅ ଇଂରାଜୀ ଅଧ୍ୟାପିକା ଅଛି। ବ୍ରହ୍ମପୁରରୁ କାଲି ଆମେ ଦୁହେଁ ଘରକୁ ଆସୁଥିଲା ବେଳେ ତୁମ ସହିତ ସାକ୍ଷାତ ହୋଇଥିଲା। ତୁମକୁ ଦେଖିଲା ପରେ ମୁଁ ଖୁସିରେ ବେଶୀ ଗପୁଥିଲି। ଖରାପ ଭାବିବନି ବୋଲି ଆଶା।'

ନୀରଜ ତୁରନ୍ତ ଉତ୍ତର ପଠାଇଲା ।

' ପ୍ରଣାମ ସାର୍। ଆପଣ ଶୀଘ୍ର ଝିଅର ଫଟୋଟିଏ ପଠାନ୍ତୁ।'

ଏବେ ନୀରଜ ଚାହିଁ ବସିଥିଲା ହ୍ୱାଟସ୍ ଆପ ବକ୍ସ କୁ । ପ୍ରତିଟି ସେକେଣ୍ଡ ତାକୁ ଯୁଗଟିଏ ପରି ଅନୁଭବ ହେଉଥିଲା..!!!

*କୁଞ୍ଜବିହାରୀ ଲେନ, କଟକ*

## ଉତ୍ସର୍ଗ

*ଆଦ୍ୟାଶା ମହାପାତ୍ର*



ଶିକ୍ଷାନୁଷ୍ଠାନ
ଏବେ ଗହନ କ୍ଷୁଧାର୍ତ୍ତ କେନ୍ଦ୍ର
ମମତାର ଦୀପ କାହିଁ ଯେ
ଜାଳିଦେବ କୋମଳମତିଟେ ପାଇଁ
ଅବା ଦେଖାଇବ ଅମାବାସ୍ୟାରେ ଚନ୍ଦ୍ର
ତୁମେ ଆଦର୍ଶ ଗୋସେଇଁ, ନା
ତମାମ ବିନାଶର କଳାଛାଇ
ସୁନେଲି ସ୍ୱପ୍ନରେ ମସଗୁଲ
ସେଇ ସୁନାଝିଅ
ଚାଲିଗଲା ଲୁହ ଝରେଇ
କିଛି ଲୁହରେ ମାଟି ମା କୋଳ ଭିଜେଇ
ବାକି ଲୁହ ସବୁ ହୋଇଗଲା
ଅଭିମାନର ବହଳ ଛାଇ
ସବୁ ଶାନ୍ତ୍ୱନାର ଶବ୍ଦ
ଏବେ ରଖିଦିଅ ଘୋଡେଇ,
କାଲି ପୁଣି ଆଉ କେଉଁଠି
ଶାଗୁଣାଙ୍କ ଚଞ୍ଚୁରେ
ଶିଖର ଛୁଇଁବ ପାପ,
ମନ୍ଦିରର ପୂଜାରୀ ହୋ
ତୁମ ହାତରୁ କୁଆଡେ ଗଲା
ଜ୍ଞାନର ପ୍ରଦୀପ
ସାଜିଛ କାମନା ଲାଳସାର ତାପ
ଯେଉଁ ଦେହକୁ ଗଢିଥିଲା
କେଉଁ ମମତା ପଣତ
କେମିତି କୁହତ ତୁମେ
ତା ଆତ୍ମାକୁ କଲ ହନ୍ତସନ୍ତ..!!
ଯେଉଁ ସ୍ୱର ସଗର୍ବେ କହୁଥିଲା
ଆମ ଝିଅ ଆକାଶୀ କନ୍ୟା
ଆମ ଝିଅ ମହାମହିମ
ସେଇ ସ୍ୱର ଏବେ ବାହୁନେ
ଆମ ଝିଅ ଲୁଣ୍ଠିତା
ଆମ ଝିଅ ସ୍ୱପ୍ନ ବିବର୍ଜିତା
ତା ତାତିଲା ଲୁହ
ରୂପାନ୍ତରିତ ହୋଇ
ହେଉ ପୁଣ୍ୟତୋୟା ଗଙ୍ଗୋତ୍ରୀ
ଯେଉଁଠି ସ୍ୱପ୍ନର ହାଟ
ସେଇଠି ଛାଇ ନବାଣ୍ଟୁ
ରକ୍ତବୀର୍ଯ୍ୟ ମହିରାବଣର ଛତ୍ରି..!!

*ନୂଆପଡା, କଟକ*

## ଆତ୍ମହତ୍ୟା ଏକ ଆହ୍ୱାନ

*ପୂର୍ଣ୍ଣଚନ୍ଦ୍ର ବହଳୀ*



ପ୍ରତ୍ୟେକ ଆତ୍ମହତ୍ୟା ଏକ ପ୍ରଶ୍ନ
ଗୋଟିଏ ଆତ୍ମା ଆଜି ହାରିଗଲା
ଗୋଟିଏ ଘର ଶୂନ୍ୟ ହୋଇଗଲା,
ସମସ୍ତ ଚର୍ଚ୍ଚାରେ ବିରାମ ଲାଗିଗଲା
ଶବ ଉପରେ ଖେଳିବା ପାଇଁ
ଛାଡିଦେଇଗଲା କିଛି କଥା ବ୍ୟଥା ।
ସତରେ କଣ ସେ ମରିବାକୁ ଚାହୁଁଥିଲା
ସେ କଣ ଏତେ କମଜୋର ଥିଲା
ହୁଏ ତ ଜିତିବା ପାଇଁ ଖେଳରେ ସେ
ହାରିଗଲା
ବା ଜିତିବା ପାଇଁ ଖେଳ କାଳ
ହୋଇଗଲା
ତାହା ହୁଏ ତ ସମୟ କହିବ
କିନ୍ତୁ କିଏ କହିପାରିବ
ତା ଶୁଖିଲା ଲୁହର କାହାଣୀ
ହସି ଉଠିବ କି ମା 'ର କୋଳ ।

ପ୍ରତ୍ୟେକ ଆତ୍ମହତ୍ୟା ଦିଏ ଏକ ଆହ୍ୱାନ
ଦିଏ ଏକ ସନ୍ଦେଶ
ଏକ ବ୍ୟବସ୍ଥା ବିରୁଦ୍ଧରେ
ଯାହା ମନୁଷ୍ୟକୁ ଅଦୃଶ୍ୟ କରିଦିଏ
ନୀତି ଯୋଜନା ତଦନ୍ତ ହଜିଯାଏ
କାଗଜ କଲମରେ
ନ୍ୟାୟ ବ୍ୟବସ୍ଥା ଚୁରମାର ହୋଇଯାଏ
ପ୍ରମାଣ ଅଭାବରେ
ଅସଲ ଜୀବନ ହାରିଯାଏ
ଏହି ଅଦୃଶ୍ୟ ମାନଙ୍କ କବଳରେ ।
ଜୀବନ ଏତେ ଶସ୍ତା ନୁହେଁ ଯେ
ଚୁପରହିବା
କିନ୍ତୁ ରାଜନୀତିର ପଶା ପାଲିରେ ନୁହେଁ
ସମବେଦନାରେ, ବ୍ୟବସ୍ଥା ବିରୁଦ୍ଧରେ
ସମ୍ମିଳିତ ସ୍ୱରରେ ।

*ଶିବାନୀ, ସମ୍ପାଦକ*
*ଭଦ୍ରକ*

## ଆହୂତିରେ ରାଜନୀତି

*ଜଗଜ୍ଜୀବନ ସା*

କୁଆଡେ ଗଲା ସେ ସୌମ୍ୟ ଶ୍ରୀ
ଅଛି କି ଆଜି ତା ଦେହ, ତା ଶରୀର
କଣ ପାଇଁ ଏହି ରାଜନୀତି ?
ନା ଦେଲା କି ନ୍ୟାୟ
ବିଜେପି, କଂଗ୍ରେସ କି ବିଜେଡି
ଗରିବ ଝିଅଟେ
କେତେ ଆଶା ରଖି ଥିଲା
ପାଠ ପଢି ବଡ ଲୋକ ହେବ ।
ହେଲା କି
ଅନେକ ପ୍ରଶ୍ନବାଚୀ ?
ଓଡ଼ିଶା ବନ୍ଦ ହେଲା
କଣ ସେ ପୁଣି ନିଆଁ ରୁ ଜନ୍ମିଲା
ନା ପୁନର୍ଜନ୍ମ ପାଇଲା
ଫେରି ଆସିବ କି ?
ସ୍ୱାର୍ଥ ପାଇଁ ଏହି ରାଜନୀତି
ଯିଏ ମଲା ସିଏ ଗଲା
ଯଦି ନ୍ୟାୟ ମିଳିଲେ
ସେ କଣ ମରିଥାନ୍ତା ?
ଏଥି କାହାର ଦୋଷ ଅଛି ?
ଅନେକ ପ୍ରଶ୍ନବାଚୀ ?
ତ୍ରିତୟା ଯୁଗରେ ସତୀ
ଦ୍ୱାପର ଯୁଗରେ ଭକ୍ତି
କାଳିଯୁଗରେ ସୌମଶ୍ରୀ ବିଶି
ସତୀ ଦେଲେ ରାବଣ ରାକ୍ଷସ ପାଇଁ
ରାମଙ୍କୁ ଅଗ୍ନି ପରୀକ୍ଷା
ସମୀର ନିର୍ଯାତନା ସହି ନ ପାରି
ସୌମ୍ୟ ଶ୍ରୀ ଦେଲା ନିଜକୁ ଆହୁତି
ତୁମେ କଣ ପାଇଁ କର ରାଜନୀତି
ସବୁ ମାୟାରେ ବାୟା ଏହି ରାଜନୀତି।
ଆଜି ବିଜେପି ଅଛି
କାଲି କଂଗ୍ରେସ ଥିଲା
ଜାଳି ଦିଆଯାଇ ଥିଲା ଇତିଶ୍ରୀ
ଯେତେବେଳେ ବିଜେଡି ଥିଲା
ସେତେବେଳେ ବି ଥିଲା
ମମିତାଙ୍କ ପରି ଅନେକ ନାରୀ କିଛି।
କରି ଥିଲେ ହତ୍ୟା ନିଜକୁ
କାହାକୁ କହିବା ଭଲ ରାଜନୀତି
ନା ବିଜେଡି, ନା ବିଜେପି, ନା କଂଗ୍ରେସ
ଏହି ଓଡ଼ିଶା କାହାପାଇଁ
ଏକ ପ୍ରଶ୍ନବାଚୀ ?

*ଗୋଲାମୁଣ୍ଡା, କଳାହାଣ୍ଡି*

## ନିରିମାଖି

*ରତ୍ନକାନ୍ତି ମିଶ୍ର*



ସେ ନିଇତି ଠାକୁରେ ମନାସେ
ଶ୍ରାବଣ ଆସିଲେ କାଉଡ଼ିଆ ସାଜେ
ଖୁଦୁରୁକୁଣୀ ବ୍ରତ ପାଳେ
ମନପାରାରେ ଚଟାଉ ପଠାଏ
ଅସୁମାରୀ ସ୍ୱପ୍ନ ଦେଖେ
ହେଲେ
ତାକୁ ପ୍ରବୋଧନା ଦେବା ପାଇଁ
ତା ଅନ୍ତର ବୁଝିବାକୁ
କେହି ନାହିଁ ଏ ସଂସାରେ

ସେ ଅକାରଣେ ଖୋଲିଛି ଯାହା
ପ୍ରୀତି ପାଖୁଡାର ଦୁଆର
ଉଡିଗଲେଣି କେତେ ଭଅଁର
ହେଲେ ସେ ସେମିତି ଅଛି
କୁଆଁରୀ ଜରଜର
ମୁହଁରେ ପାଉଡର ମାଖି
ମଝିରେ ମଝିରେ
ଦର୍ପଣ ଦେଖୁଛି ନିରିମାଖି

ମୌସୁମୀ ଆସିଛି
ଦେଖୁଛି ସେ କେତେ ସ୍ୱପ୍ନ
ଯତନରେ ଚାରା ପୋତୁଛି
ସେ ଓଦା ସରସର
କାଦୁଅ ଲତପତ ଅନାବୃତ ଗୋଡ଼
ଶୁଭୁଚି ବର୍ଷାର ପାଉଁଜି ଶବ୍ଦ
ତାକୁ ଅଜଣା
ଏ ସବୁ ଦେଖୁଛନ୍ତି
କେଇ ହଳ ଡାଆଣା ଆଖି
ବିଚାରି ନିରିମାଖି...!!!

*ଆଳି, କେନ୍ଦ୍ରାପଡା*

# ମାଧୁନନା



ସୁଚରିତା ମହାନ୍ତି

'ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ
ପଦ୍ମ ଗଳୁଚି ମକରନ୍ଦ
ସେ ମକରନ୍ଦ ପାନ କରି
ହେ ପ୍ରଭୁ ! ମୋତେ ଏ ସଂସାରୁ କର ପାରି ।
ବଡ଼ ବାପା ଶେଷ ଧାଡ଼ିଟି କାହିଁକି ଛାଡ଼ିଦେଲ ।'ହେଲେ ତରିଲେ ବ୍ରଜନାରୀ।'

ନାଇଁ ରେ ଧନ;ସେଇଠି ପରା ଠାକୁରଙ୍କୁ କହିଲି,ମୋତେ ପାରିକରି ଦେବାକୁ।

ବୟସ ସାଙ୍ଗକୁ ଏ ରୋଗ ମୋତେ ଖାଉଚି।ମିଛରେ ଯାହା ବଞ୍ଚିରହିବା କଥା।

ପାଟିରୁ ଆଉ ପରିଷ୍କାର କଥା ଶୁଭୁନାହିଁ।ଫାଙ୍ଗୁଳା ପାଟିରୁ ପାକୁଳୁଥିବା ପାନରସ ଝରି ଧଳା ଗଞ୍ଜିଟା ନାଲି ପଡ଼ିଗଲାଣି।

ସେଇଥିରେ କେତେ ପୋଥି ପୁରାଣରୁ ଦିନ ଭରି କିଛି ନା କିଛି ପଦ ଅନର୍ଗଳ ଚାଲିଥାଏ।

ଗାଁ ଯାକର ଲୋକେ ତାଙ୍କୁ ମାଧୁନନା ବୋଲି ଡାକନ୍ତି।

ମାଧୁନନା ଜଣେ ଜ୍ଞାନୀ ମଣିଷ ତା' ନୁହେଁ,ଭାରି ମେଳାପି ମଣିଷ। ସମସ୍ତେ ତାଙ୍କ କଥା ମାନନ୍ତି।ସମୟ ଥିଲା ମାଧୁନନା ଘରଘର ବୁଲି ଲୋକମାନଙ୍କର ଅସୁବିଧା ସୁବିଧା ବୁଝୁଥିଲେ।ଦରକାର ପଡ଼ିଲେ ସାହାଯ୍ୟ କରିବାକୁ ପଛଉ ନଥିଲେ। ଏବେବି ମାଧୁନନାଙ୍କର ଢେର୍ ସମ୍ପତ୍ତି ବାଡ଼ି।ହେଲେ ଆଗ ପରି ସେ କୁଆଡ଼ ? ଯାଇପାରୁ ନାହାନ୍ତି କି କାହା ଭଲମନ୍ଦରେ ଠିଆ ହୋଇ ପାରୁନାହାନ୍ତି।

ପୋଥି ପୁରାଣ ପଢ଼ି ପଢ଼ି ଯାହା ମନେଅଛି ସେସବୁକୁ ଯେତେବେଳେ ପାରୁଛନ୍ତି ବସିକି ବୋଲୁ ଥାନ୍ତି।

ଗଣ୍ଡାଏ ଖାଇ ବସିବା ଶୋଇବା ବ୍ୟତୀତ ତାଙ୍କର ଆଉ କାମ କ'ଣ। କେତେବେଳେ ଇଛା ହେଲେ ଟିଭି ଦେଖନ୍ତି ନ'ହେଲେ ସମ୍ବାଦପତ୍ରକୁ ପଢ଼ନ୍ତି।ଏତେ ବୟସରେ ବି ଆଖିକୁ ପରିଷ୍କାର ଦେଖାଯାଉଚି ।ଚଷମା କେବେ ବ୍ୟବହାର କରିବାର କେହି ଦେଖି ନାହାଂତି।

କେହି କେମିତି ପଚାରିଲେ କହନ୍ତି, ଆମ ବେଳର ଖାଦ୍ୟ ଏବେବି କାମ କରୁଛି। ସେତେବେଳେ ଆମେ ପିଓର ଖାଦ୍ୟ ଖାଉଥିଲୁ ।ଏବେ ତ ସବୁ ବିଷ ।

ମାଧୁନନା ତାଙ୍କ ପିଲାଦିନ କଥା ସବୁ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରନ୍ତି। ଦାଣ୍ଡଦୁଆରକୁ କେହି ଆସିଗଲା କ୍ଷଣି କାହିଁ କେତେ କଥା ଗପି ଯିବେ। ଯିଏ ଘରକୁ ଆସନ୍ତି ସେ ନଖାଇ ନପିଇ ଯା'ନ୍ତି ନାହିଁ।କହନ୍ତି, ଘରକୁ ଯିଏ ଆସନ୍ତି ସେ ଆମ ଅତିଥି ତେଣୁ ଅତିଥି ଭଗବାନ ସଦୃଶ୍ୟ। ତାଙ୍କୁ ସମ୍ମାନ ଜଣାଇଲେ ଆମକୁ ଭଗବାନଙ୍କ କୃପା ମିଳିବ ।

କେତେବେଳେ ଭଗବାନ କେଉଁ ରୂପେ ଘରକୁ ଆସନ୍ତି ମଣିଷ କ'ଣ ଜାଣିପାରେ !ସେଥିପାଇଁ ଅତିଥିଙ୍କୁ ଆଦର ସତ୍କାର କରିବା ଭଲ ।

ଘର ଲୋକେ ମାଧୁନନାଙ୍କୁ କୌଣସି କଥାରେ ବାରଣ କରନ୍ତିନି କି ବିରକ୍ତି ପ୍ରକାଶ କରନ୍ତି ନାହିଁ।

ଥରେ ଜଣେ ଗେରୁଆ ବସ୍ତ୍ର ପରିଧାନ କରିଥିବା ଯୋଗୀ କେନ୍ଦରା ବଜାଇ ଗୀତ ବୋଲି ବୋଲି ତାଙ୍କ ଦାଣ୍ଡକୁ ଆସିଲେ ।

ମାଧୁନନା ଚେୟାରରୁ ଉଠି ଧୀରେ ଧୀରେ ତାଙ୍କ ପାଖକୁ ଗଲେ। ତାଙ୍କୁ ଦାଣ୍ଡଦୁଆରେ ପଡ଼ିଥିବା ଖଟରେ ବସିବାକୁ କହିଲେ।

ସେ କେନ୍ଦରା ବଜାଇ ଗୀତ ଗାଇଗାଇ ଖଟ ଟା ଉପରେ ବସିଗଲେ ।

ମାଧୁନନା କହିଲେ, ଏବେ ଆଉ ବୋଲନ୍ତୁ ନାହିଁ।ଟିକେ ଜଳଖିଆ ଖାଆନ୍ତୁ,ତା'ପରେ କେନ୍ଦରା ବଜାଇ ଗୀତ ବୋଲିବେ ।

ପୁଣି ଧୀରେ ଧୀରେ ଘର ଭିତରକୁ ଆସି ବୋହୂମା'ଙ୍କୁ ଖାଇବାର ବ୍ୟବସ୍ଥା କରିବା ପାଇଁ କହି ତାଙ୍କ ପାଖକୁ ଫେରିଗଲେ।

ପଚାରିଲେ,ଆପଣ କେଉଁଠୁ ଆସିଛନ୍ତି।ବହୁତ ଦିନରୁ କେନ୍ଦରା ବଜାଇ ଆଉ କେହି ଗୀତ ବୋଲି ବାକୁ ଆସୁନାହାନ୍ତି।

ଆମ ସମୟରେ ଖଞ୍ଜଣି ବାଦ୍ୟ କେନ୍ଦରା ଗୀତ କେତେ ଆସୁଥିଲେ। ଗାଁକୁ ଗାଁ ବୁଲି ବୁଲି ମନୋରଞ୍ଜନ କରିବା ସହିତ ସେମାନେ ତାଙ୍କ ପେଟ ପୋଷୁଥିଲେ ।ଆଉ କାହିଁ କେହି ଆସୁନାହାନ୍ତି।

ତାଙ୍କ ବାର୍ତ୍ତାଳାପ ଚାଲିଥାଏ। ବୋହୂମା' ଜଳଖିଆ ଧରି ପହଞ୍ଚିଲେ।

ମାଧୁନନା କହିଲେ,ଆପଣ ଆଗ ହାତ ମୁହଁ ଧୋଇ ଖାଇ ଦିଅନ୍ତୁ, ତା'ପରେ କଥା ହେବା।

ଯୋଗୀ ଜଣକ ହାତ ମୁହଁ ଧୋଇ ଖାଇବା ପାଇଁ ଆସି ଖାଦ୍ୟ ଥାଳି ଦେଖନ୍ତି ତ ତାଙ୍କ ମନପ୍ରାଣ ପୁରି ଉଠିଲା ।ଜଳଖିଆରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଅଛି। ଆଗରୁ ତାଙ୍କୁ ଏପରି ଚର୍ଚ୍ଚା କେହି କେବେ କରିନଥିଲେ।ମନଖୁସିରେ ସେ ଭୋଜନ ଶେଷ କଲେ। ସେତେବେଳକୁ ଖରା ଟାଣ ହେବାକୁ ଲାଗିଲାଣି।ଯୋଗୀ ଜଣକ ମାଧୁନନା ଙ୍କୁ ଜୁହାର ହୋଇ ତାଙ୍କ ପାଖରୁ ପାଉଣା ନେଇ ଯିବା ପାଇଁ ବାହାରିଲେ।

ମାଧୁନନା କହିଲେ,ଏ ଦୁମ୍ ଦୁମିଆ ଖରାବେଳେ କୁଆଡ଼ ? ଯିବେ । ଏଇଠି ବିଶ୍ରାମ କରନ୍ତୁ।ଖରା ଗଡ଼ିଗଲେ ଚାଲିଯିବେ।

ଯୋଗୀ ଜଣକ ମାଧୁନନାଙ୍କ କଥା ରକ୍ଷା କରି ଆଉ ଗଲେ ନାହିଁ। ଦୁହେଁ ଦୁହିଁଙ୍କର କଥାରେ ମାତି ଯାଇଥିଲେ ।

ମାଧୁନନା କହିଲେ, ଆପଣ ଟିକେ ସେଇ ଗୀତଟା ବୋଲନ୍ତେନି ! ମୋର ଶୁଣିବାକୁ ଭାରି ଇଚ୍ଛା।

ଯୋଗୀ କହିଲେ,କୁହନ୍ତୁ, ମୁଁ ନିଶ୍ଚୟ ଶୁଣେଇବି ।

ମାଧୁନନା ଥରଥର କଣ୍ଠରେ କହିଲେ,' କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ',ଏଇ ଗୀତଟି ।

ଯୋଗୀ କହିଲେ,ନିଶ୍ଚୟ ଶୁଣେଇବି, ଏହା ମୋର କର୍ତ୍ତବ୍ୟ।

କେନ୍ଦରା ବଜାଇ ସୁମଧୁର କଣ୍ଠରେ ଆରମ୍ଭ କଲେ ।

ମାଧୁନନା ତାଙ୍କ ଚୌକିରେ ବସି ସେଇ କେନ୍ଦରା ଗୀତ ଶୁଣୁଥାନ୍ତି । ବହୁତ ସମୟ ଗୀତ ବୋଲିବା ଶୁଣି ବୋହୂମା' ଭାବିଲେ ବାପାଙ୍କର କଥା ଆଉ ଶୁଭୁନି କାହିଁକି।ବାପା କ'ଣ ଶୋଇଗଲେ କି ।

ବୋହୂମା' ଘରୁ ବାହାରି ଆସି ବାପା ବାପା ବୋଲି ଡାକିବାରୁ ସେ ଆଉ ଶୁଣିଲେ ନାହିଁ।

ଦଶ ପନ୍ଦର ମିନିଟ୍ ଭିତରେ ମାଧୁନନା ଆରପାରିକୁ ଚାଲିଗଲେ।

ଯୋଗୀ ଜଣକ ଆଶ୍ଚର୍ଯ୍ୟ ହେଲେ। ତାଙ୍କର ଯିବା ସମୟ ଆସିଲାଣି ବୋଲି ମାଧୁନନା ହୁଏତ ଜାଣି ପାରିଥିଲେ ।

ସେଇଥିପାଇଁ ମୋତେ ସେ ଗୀତଟି ବୋଲିବାକୁ କହିଲେ।

'କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ'
କି ଘେନି ଯିବୁ ତୁହି ଛୁଟିଲେ ଘଟ' ।
ହେ ପ୍ରଭୁ !ମୋ ଜୀବନ ଆଜି ଧନ୍ୟ ହୋଇଗଲା ।

ଏମିତି ପୂଣ୍ୟାତ୍ମାଙ୍କ ପାଇଁ ମୋ ଯୋଗୀ ଜୀବନ ପୂର୍ଣ୍ଣତା ଲାଭ କଲା ।

ସେଦିନ ଥିଲା ବଡ଼ ଏକାଦଶୀ।ମାଧୁନନାଙ୍କ ଦେହାନ୍ତ କଥା ଶୁଣି କାହିଁ କେଉଁଆଡୁ ଲୋକ ରୁଣ୍ଡ ହୋଇଗଲେ।

ମାଧୁନନାଙ୍କୁ ବିରାଟ ଶୋଭାଯାତ୍ରାରେ ନାମ ସଂକୀର୍ତ୍ତନ ସହିତ ନେଇ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାହେଲା ।

ଲୋକଙ୍କ ମୁହଁରୁ ଶୁଭୁଥିଲା। ମାଧୁନନାଙ୍କର ଜୀବନ ଯାକର ଦାନପୂଣ୍ୟର ଫଳ ।

ସତରେ କେଡ଼ ? ପବିତ୍ର ପ୍ରାଣବନ୍ତ ଲୋକ ଥିଲେ ।ଏ ଖଣ୍ଡ ମଣ୍ଡଳରେ ଏମିତି ମଣିଷ ଆଉ ମିଳିବେ ନାହିଁ।

*ବାରିପଦା,ମୟୂରଭଞ୍ଜ*
*ମୋ-୮୯୧୭୫୭୧୨୦୨*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ
# ପର୍ଯ୍ୟବେକ୍ଷକ
Bhubaneswar Sunday July 20 | ଭୁବନେଶ୍ୱର ରବିବାର, ୨୦, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


## ହାଇଦ୍ରାବାଦରେ ମହିଳା କବାଡି ବିଶ୍ୱକପ



ଭୁବନେଶ୍ୱର,(ପି.ଏନ): ମହିଳା କବାଡି ବିଶ୍ୱକପର ଦ୍ୱିତୀୟ ସଂସ୍କରଣ ହାଇଦ୍ରାବାଦରେ ଆୟୋଜନ ହେବ। ଆସନ୍ତା ଅଗଷ୍ଟ ୩ରୁ ୧୦ ତାରିଖ ଯାଏ ଗାଚ଼ିବୋୱିଲି ଇଣ୍ଡୋର ଷ୍ଟାଡିୟମରେ ମହିଳା କବାଡି ବିଶ୍ୱକପ ଖେଳାଯିବ। ବାସ୍ତବରେ କବାଡିର ଏହି ବଡ ମହାକୁମ୍ଭ ବିହାରରେ ଜୁନ ମାସରୁ ଖେଳାଯିବାର ଥିଲା। କିନ୍ତୁ ଏବେ ଭେନ୍ୟୁ ବଦଳିଛି। ବିହାର ବଦଳରେ ହାଇଦ୍ରାବାଦରେ ଆୟୋଜନ ହେବ ମହିଳା କବାଡି ବିଶ୍ୱକପ। ତେଲଙ୍ଗାନା କବାଡି ଆସୋସିଏସନର ସଭାପତି କେ ବୀରେଶ କହିଛନ୍ତି, "ବିହାର ଯେତେବେଳେ ଆୟୋଜନରୁ ଓହରି ଗଲା ଆମେ ସେତେବେଳେ ଭାରତୀୟ କବାଡି ମହାସଂଘକୁ ବିଶ୍ୱକପ ତେଲଙ୍ଗାନାରେ କରିବାକୁ ଅନୁରୋଧ କରିଥିଲୁ। ସେମାନେ ମଧ୍ୟ କୃତଜ୍ଞତା ପ୍ରକାଶ କରିଥିଲେ। ଆମେ ମହିଳା କବାଡିକୁ ଉତ୍ସାହିତ କରିବାକୁ ଚାହୁଁଛୁ।

## କୁକୁଡା ଦୋକାନରୁ ଚୋରି-ଦୁଇ ଅଭିଯୁକ୍ତ ଗିରଫ

ପାରାଦୀପ,(ପି.ଏନ): ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୁତମୁଣ୍ଡାଇ ବଜାରର ଏକ କୁକୁଡା ଦୋକାନରୁ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ଅଭିଯୋଗରେ ପୋଲିସ୍ ଦୁଇ ଅଭିଯୁକ୍ତଙ୍କୁ ବୁଧବାର ଦିନ ଗିରଫ କରିଛି । ଘଟଣାରୁ ପ୍ରକାଶଯେ, କଟକ-ପାରାଦୀପ ରାସ୍ତାର ଭୁତମୁଣ୍ଡାଇ ବଜାର ନିକଟରେ ଲୋକନାଥ ସାହୁଙ୍କର ଏକ ବଡ କୁକୁଡା ଦୋକାନ ରହିଛି । ଗତ ୨୮ ତାରିଖରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଶ୍ରୀ ସାହୁ ଦୋକାନ ବନ୍ଦ କରି ବାହାରକୁ ଯାଇଥିଲେ । ପରଦିନ ଫେରିବା ପରେ ଦୋକନାରୁ ପ୍ରାୟ କୋଡିଏ ହଜାର ଟଙ୍କା, ସାଉଣ୍ଡ ସିଷ୍ଟମ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ । ବହୁ ଖୋଜାଖୋଜି କରିବା ପରେ ଏହି ସବୁ ସାମଗ୍ରୀ ପାଇ ନଥିଲେ । ମଙ୍ଗଳବାର ଦିନ ଶ୍ରୀ ସାହୁ ନୂଆ ସାଉଣ୍ଡ ସିଷ୍ଟମ କିଣିବା ପାଇଁ କୁଜଙ୍ଗ ବଜାରକୁ ଯାଇଥିଲେ । ସେଠାରେ ଏକ ଦେକାନରେ ଶ୍ରୀ ସାହୁଙ୍କର ସାଉଣ୍ଡ ସିଷ୍ଟମ ରହିଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ଘଟଣା ସମ୍ପର୍କରେ ପାରାଦୀପ ଲକ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲକ୍‌ଥାନା ପୋଲିସ୍ ଚୋରୀ ସାଉଣ୍ଡ ସିଷ୍ଟମକୁ ଉଦ୍ଧାର କରିବା ସହିତ ଦୋକାନରେ ଏହାକୁ ବିକ୍ରି କରିଥିବା ଭୁତମୁଣ୍ଡାଇ ଗ୍ରାମର ଦିଲ୍ଲିପ ମହାନ୍ତିଙ୍କ ପୁଅ ସୁଦାମ ମହାନ୍ତି(୨୮) ଓ ସେହି ଗ୍ରାମର ବାବୁଲି ସେଠୀଙ୍କ ପୁଅ ପପୁନି ସେଠୀ (ପପୁ)୩୨ଙ୍କୁ ଗିରଫ କରିଥିବା ନେଇ ଜଣାପଡିଛି । ଏ ସମ୍ପର୍କରେ ଲକ୍ ଥାନାରେ ୨୧୧/୨୫ରେ ଏକ ମାମଲା ରୁଜୁ ହୋଇଛି ।

## ନେକ୍ସଟକ୍ୱାଂଟମ ପକ୍ଷରୁ ଏଆଇ+ ସ୍ମାର୍ଟଫୋନର ଶୁଭାରମ୍ଭ

ଭୁବନେଶ୍ୱର(ପି.ଏନ) : ନେକ୍ସଟକ୍ୱାଂଟମ ପକ୍ଷରୁ ଭାରତର ପ୍ରଥମ ଫୁଲି ଅଥରଡ ସ୍ମାର୍ଟଫୋନ, ଏଆଇ+ସ୍ମାର୍ଟଫୋନର ଉନ୍ମୋଚନ କରିଛି ଯାହାକୁ ସମ୍ପୂର୍ଣ୍ଣ ରୂପେ ଭାରତରେ ନିର୍ମାଣ କରାଯାଇଛି। ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିସ୍‌ର ପ୍ରତିଷ୍ଠାତା ଓ ଏଆଇ+ ସ୍ମାର୍ଟଫୋନର ସିଇଓ ମାଧବ ସେଠଙ୍କ ସମେତ ଗୁଗଲ କ୍ଲାଉଡ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶଶିକୁମାର ଶ୍ରୀଧରନ ଏବଂ ଫ୍ଲିପ୍‌କାର୍ଟର ମୋବାଇଲ ବିଭାଗର ଉପାଧ୍ୟକ୍ଷ ସ୍ମୃତି ରବିଚନ୍ଦ୍ରନଙ୍କ ନେତୃତ୍ୱରେ ଏହି ସ୍ମାର୍ଟଫୋନର ଶୁଭାରମ୍ଭ କରାଯାଇଛି। ଭାରତରେ ନିର୍ମିତ ଓ ଭାରତର ପ୍ରଥମ ସ୍ୱାଧୀନ ମୋବାଇଲ ଅପରେଟିଂ ସିଷ୍ଟମ ନେକ୍ସଟକ୍ୱାଂଟମ ଓଏସ ଦ୍ୱାରା ପରିଚାଳିତ ଏଆଇ+ ସ୍ମାର୍ଟଫୋନ ଉଚ୍ଚ କାର୍ଯ୍ୟଦକ୍ଷତା, ସୁଲଭତା ଓ ଗୋପନୀୟତାକୁ ଏକ ବାଧାମୁକ୍ତ ଅନୁଭୂତିରେ ଏକତ୍ରିତ କରିଛି। ମାଧବ ସେଠ୍‌ଙ୍କ ଦ୍ୱାରା ଉନ୍ମୋଚିତ ଓ ନେକ୍ସଟକ୍ୱାଂଟମ ସିଫ୍ଟ ଟେକ୍ନୋଲୋଜିରେ ତାଙ୍କ ଟିମ ଦ୍ୱାରା ନିର୍ମିତ ଏଆଇ+ ସ୍ମାର୍ଟଫୋନ ଶୃଙ୍ଖଳାରେ ୨ଟି ସ୍ମାର୍ଟଫୋନ ପଲ୍‌ସ ଓ ନୋଭା ୫ଜି ଅ'ର୍ଭୁକ୍ତ ରହିଛି ଏବଂ ପ୍ରତ୍ୟେକ ସ୍ମାର୍ଟଫୋନର ୫ଟି ରଙ୍ଗ ଉପଲବ୍ଧ ଅଛି। ଏସମ୍ପର୍କରେ ମାଧବ ସେଠ କହିଛି, 'ଏଆଇ+ ସ୍ମାର୍ଟଫୋନ ହେଉଛି ଭାରତୀୟ ଉପଭୋକ୍ତାଙ୍କ ହାତକୁ ନିୟନ୍ତ୍ରଣ ଫେରାଇ ଆଣିବା। ଅନେକ ବର୍ଷ ହେବ ଆମେ ଏଭଳି ଫୋନ ଓ ପ୍ଲାଟଫର୍ମ ଉପରେ ନିର୍ଭର କରିଆସୁଛୁ ଯାହାକୁ ଭାରତକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇନାହିଁ। କି଼ନ୍ତୁ ଏଆଇ+ ଏହାକୁ ପରିବର୍ତ୍ତନ କରିଛି।' ସେହିପରି ଫ୍ଲିପ୍‌କାର୍ଟ, ମୋବାଇଲ୍ସ ବିଭାଗର ଉପାଧ୍ୟକ୍ଷ ସ୍ମୃତି ରବିଚନ୍ଦ୍ରନ କହିଛି, 'ଆମେ ଆମର ଗ୍ରାହକଙ୍କ ପାଇଁ ଏଆଇ+ ସ୍ମାର୍ଟଫୋନ ଆଣି ଗର୍ବିତ, ଏଭଳି ଏକ ସ୍ମାର୍ଟଫୋନ ଯାହା କାର୍ଯ୍ୟଦକ୍ଷତା, ଗୋପନୀୟତା ଓ ଉଦ୍ଦେଶ୍ୟକୁ ଏକତ୍ରିତ କରିଥାଏ।' ଏଆଇ+ ସ୍ମାର୍ଟଫୋନକୁ ୟୁନାଇଟେଡ ଟେଲିଲିଙ୍କ୍‌ସ (ବେଙ୍ଗାଲୁରୁ) ଦ୍ୱାରା ଏହାର ନୋଏଡା ଫ୍ୟାକ୍ଟ୍ରିରେ ନିର୍ମାଣ କରାଯାଇଛି। ସଫ୍ଟୱେୟାରଠାରୁ ଆରମ୍ଭ କରି ଯୋଗାଣ ଶୃଙ୍ଖଳା ପର୍ଯ୍ୟ' ସବୁକିଛି ଭାରତର ପ୍ରାଥମିକତା ସହ ଜଡିତ। ଏହି ଫୋନ ଆଂଚଳିକ ଭାଷା, ସ୍ଥାନୀୟ କଂଟେଂଟ ଓ ନେକ୍ସଟକ୍ୱାଂଟମର ଥିମ ଡିଜାଇନର ଟୁଲ ମାଧ୍ୟମରେ ଏକ ସ୍ୱତନ୍ତ୍ର ଅନୁଭୂତିକୁ ସପୋର୍ଟ କରୁଛି। ଏହି ସ୍ମାର୍ଟଫୋନ ଶୃଙ୍ଖଳା ଏବେ ଫ୍ଲିପକାର୍ଟ ଓ ଅନ୍ୟାନ୍ୟ ମାଧ୍ୟମରେ ଉପଲବ୍ଧ ରହିଛି ଯାହାର ପ୍ରାରମ୍ଭିକ ମୂଲ୍ୟ କେବଳ ୪୪୯୯ ଟଙ୍କା ରହିଛି। ପଲ୍‌ସ ଭାରିଆଂଟରେ ୬.୭ ଇଂଚ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବୁଲ ମେମୋରୀ, ୫୦ଏମ୍‌ପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମଏଏଚ ବ୍ୟାଟେରୀ, ସାଇଡ ଫିଙ୍ଗରପ୍ରିଂଟ ସେନ୍ସର ରହିଛି। ଏହା ବ୍ଲୁ, ବ୍ଲାକ, ଗ୍ରୀନ, ପର୍ପଲ ଓ ପିଙ୍କରେ ଆସନ୍ତା ଜୁଲାଇ ୧୨ ତାରିଖ ଦିନ ୧୨ଟାରୁ ୪୪୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ସେହିପରି ନୋଭା ୫ଜି ଭାରିଆଂଟରେ ୬.୭ଇଂଚ ଏଚ୍‌ଡି+ ଡିସ୍‌ପ୍ଲେ, ୧ ଟିବି ଏକ୍ସପାଣ୍ଡେବୁଲ ମେମୋରୀ, ୫୦ଏମପି ଡୁଆଲ ଏଆଇ କ୍ୟାମେରା, ୫୦୦୦ ଏମଏଏଚ ବ୍ୟାଟେରୀ, ସାଇଡ ଫିଙ୍ଗରପ୍ରିଂଟ ସେନ୍ସର ରହିଛି। ଏହା ଆସ'। ଜୁଲାଇ ୧୩ ତାରିଖ ଦିନ ୧୨ଟାରୁ ୭୪୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହି ସ୍ମାର୍ଟଫୋନ ଶୃଙ୍ଖଳାର କ୍ରୟ ଉପରେ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡ ଓ ଇଏମଆଇ ଟ୍ରାକ୍ସନ , ଫ୍ଲିପ୍‌କାର୍ଟ ଆକ୍ସିସ ବ୍ୟାଙ୍କ କ୍ରେଡିଟ କାର୍ଡରେ ୫୦୦ ଟଙ୍କାର ତତ୍କାଳ ରିହାତି ଉପଲବ୍ଧ ରହିଛି। ସେହିପରି ବଜାଜ ଫିନ୍‌ସର୍ଭରେ ୩ ମାସର ନୋ-କଷ୍ଟ ଇଏମଆଇ ସୁବିଧା ଏବଂ ପ୍ରେକ୍ସୋ ପ୍ରୋଗ୍ରାମ ଅଧିନରେ ସମସ୍ତ ଫୋନ ଉପରେ ଏକ୍ସଚେ ବୋନସ୍ ରହିଛି।

## ମନସା ଚ଼ାରିଟେବୁଲ୍ ଟ୍ରଷ୍ଟ : ରକ୍ତଦାନ ଶିବିର ସାଧାରଣରେ ପ୍ରଶଂସିତ




ପାରାଦୀପ ,(ପି.ଏନ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମନସା ଚ଼ାରିଟେବୁଲ ଟ୍ରଷ୍ଟ ଗର୍ବର ସହିତ ପାରାଦୀପ କଲେଜରେ ଆୟୋଜିତ ହୋଇଥିବା ରକ୍ତଦାନ ଶିବିରର ସଫଳତାର ସହ ଶେଷହୋଇଛିଛ ଏହି ଶିବିରରେ ଶତାଧିକ ରକ୍ତ ଦାତା ଏହି ଜୀବନ ରକ୍ଷାକାରୀ କାର୍ଯ୍ୟରେ ଯୋଗଦାନ ଦେବାକୁ ଆଗେଇ ଆସିଥିଲେ। ପାରାଦୀପ ବନ୍ଦରର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କେନ୍ଦ୍ରୀୟ ରେଡକ୍ରସ୍ ରକ୍ତଭଣ୍ଡାର, କଟକ ସହିତ ମିଳିତ ଭାବରେ ଆୟୋଜିତ ଏହି ଶିବିରର ଲକ୍ଷ୍ୟ ଏହି ଅଞ୍ଚଳରେ ରକ୍ତର ଚ଼ିରସ୍ଥାୟୀ ଆବଶ୍ୟକତାକୁ ପୂରଣ କରିବା ଏବଂ ଚ଼ିକିତ୍ସା ଜରୁରୀକାଳୀନ ପରିସ୍ଥିତି ପାଇଁ ସୁସ୍ଥ ସାଇତି ରଖିବା । ଶ୍ରୀ ରାଉତ ମାନସା ଚ଼ାରିଟେବୁଲ ଟ୍ରଷ୍ଟର ପ୍ରୟାସକୁ ପ୍ରଶଂସା କରି କହିଥିଲେ, 'ରକ୍ତଦାନ ଏକ ନିଃସ୍ୱାର୍ଥପର କାର୍ଯ୍ୟ ଯାହା ସିଧାସଳଖ ଜୀବନକୁ ପ୍ରଭାବିତ କରେ। ଏପରି ଗୁରୁତ୍ୱପୂର୍ଣ୍ଣ ଶିବିର ଆୟୋଜନ କରିବାରେ ମାନସା ଚ଼ାରିଟେବୁଲ ଟ୍ରଷ୍ଟର ସମର୍ପଣ ପ୍ରଶଂସନୀୟ ଏବଂ ଆମ ସମାଜ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ।' ଦିନସାରା, ଯୋଗ୍ୟ ଡାକ୍ତର ଏବଂ ଚ଼ିକିତ୍ସା ବୃତ୍ତିଗତଙ୍କ ଏକ ଦଳ ଦାନ ପ୍ରକ୍ରିୟାକୁ ସତର୍କତାର ସହ ତଦାରଖ କରିଥିଲେ, ସମସ୍ତ ଦାତାଙ୍କ ସୁରକ୍ଷା ଏବଂ ଆରାମ ସୁନିଶ୍ଚିତ କରିଥିଲେ। ଦାନ ପୂର୍ବରୁ ସମସ୍ତ ସମ୍ଭାବ୍ୟ ଦାତାଙ୍କୁ ରକ୍ତଚ଼ାପ, ହିମୋଗ୍ଲୋବିନ ସ୍ତର ଏବଂ ଓଜନ ଯାଞ୍ଚ ସମେତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦାତାଙ୍କ ଦାନଶୀଳତାକୁ ସ୍ୱୀକାର କରିବା ଏବଂ ପ୍ରଶଂସା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। 'ପାରାଦୀପର ଲୋକଙ୍କ ଉତ୍ସାହୀ ଅଂଶଗ୍ରହଣରେ ଆମେ ଅତ୍ୟନ୍ତ ବିନମ୍ର,' ମାନସା ଚ଼ାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ମୃତ୍ୟୁଞ୍ଜୟ ମିଶ୍ର କହିଛନ୍ତି। ଆଜିର ଜନସମାଗମ ଆମ ସମ୍ପ୍ରଦାୟ ମଧ୍ୟରେ ବୃଦ୍ଧି ପାଉଥିବା ମାନବିକତା ଏବଂ ସାମୂହିକ ଦାୟିତ୍ୱର ଦୃଢ଼ ମନୋଭାବକୁ ପ୍ରଦର୍ଶନ କରେ। ଏଠାରେ ସଂଗୃହୀତ ପ୍ରତ୍ୟେକ ୟୁନିଟ୍ ରକ୍ତ ଜୀବନ ରକ୍ଷା କରିବାର ସମ୍ଭାବନା ରଖେ, ଏବଂ ଏହି ମହାନ ପ୍ରୟାସରେ ଆମ ସହିତ ଯୋଗ ଦେଇଥିବା ପ୍ରତ୍ୟେକଙ୍କ ପ୍ରତି ଆମେ କୃତଜ୍ଞ।' ଶିବିରେ ସଫଳତାର ସହିତ ୯୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି, ଯାହା ପାରାଦୀପ ଏବଂ ଆଖପାଖର ବିଭିନ୍ନ ଚ଼ିକିତ୍ସା ସୁବିଧାରେ ଆବଶ୍ୟକ ରୋଗୀଙ୍କୁ ସହାୟତା କରିବାରେ ସହାୟକ ହେବ। ମାନସା ଚ଼ାରିଟେବୁଲ ଟ୍ରଷ୍ଟ ସମସ୍ତ ସ୍ୱ?ଚ୍ଛାସେବୀ, ଚ଼ିକିତ୍ସା କର୍ମଚ଼ାରୀ ଏବଂ ସହାୟକ ସଂଗଠନଗୁଡ଼ିକୁ ହୃଦୟରୁ କୃତଜ୍ଞତା ଜଣାଉଛି ଯେଉଁମାନେ ଏହି ଶିବିରକୁ ସଫଳ କରିଥିଲେ। ମାନସା ଚ଼ାରିଟେବୁଲ ଟ୍ରଷ୍ଟ ବିଭିନ୍ନ ମାନବିକ ପଦକ୍ଷେପ ମାଧ୍ୟମରେ ସମାଜର ସେବା କରିବାକୁ ପ୍ରତିବଦ୍ଧ ଏବଂ ଭବିଷ୍ୟତରେ ଏପରି ଅଧିକ ଜୀବନ ରକ୍ଷାକାରୀ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଅପେକ୍ଷା କରିଛି।

## କିମ୍‌ସରେ ବିରଳ ଅସ୍ତ୍ରୋପଚାର : ହିଟ୍-କୋଲ୍‌ଡ ବ୍ରୋଙ୍କୋସ୍କୋପିକ୍ ପଦ୍ଧତିରେ ଫୁସ୍‌ଫୁସ୍‌ରୁ ବାହାରିଲା ଟ୍ୟୁମର୍



ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱରସ୍ଥିତ କିମ୍‌ସର ଡାକ୍ତରମାନେ ଏକ ଅଭିନବ ପ୍ରଣାଳୀରେ ଜଣେ ରୋଗୀଙ୍କ ଫୁସ୍‌ଫୁସ୍‌ରୁ ଏକ ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ଜଣେ ୪୦ ବର୍ଷୀୟ ମହିଳାଙ୍କଠାରେ କାର୍ସିନଏଡ୍ ଟ୍ୟୁମର ଭଳି ଏକ ବିରଳ ପ୍ରକାରର ଫୁସଫୁସ ଟ୍ୟୁମର ଚିହ୍ନଟ ହେବା ପରେ ରୋଗୀ ଜଣକ ୨୦୨୩ ମସିହାରେ ରେଡିଏସନ୍ ଥେରାପି ନେଇଥିଲେ। ରୋଗୀ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ତାଙ୍କୁ ନିରନ୍ତର କାଶ ହେଉଥିଲା। ତେବେ ମହିଳାଙ୍କ ଶ୍ୱାସନଳୀର ଅଧାରୁ ଅଧିକ ଅଂଶ ଏକ ମାଂସ ପିଣ୍ଡ ଭଳି କିଛି ଅବରୋଧ କରୁଥିବା ଜୁନ୍ ୨୦୨୫ ରେ ତାଙ୍କଠାରେ ପୁନର୍ବାର କରାଯାଇଥିବା ସ୍କାନରୁ ଜଣାପଡ଼ିଥିଲା। କିମ୍‌ସର ଇଣ୍ଟରଭେନସନାଲ ପଲମୋନୋଲୋଜି ବିଶେଷଜ୍ଞ ଦଳ ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଏକ ଅଭିନବ ଉପାୟ ଅବଲମ୍ବନ କରିଥିଲେ। କାର୍ଡିଓଥୋରାସିକ୍ ଅପରେଟିଂ ଥିଏଟରରେ ସାଧାରଣ ଆନାସ୍ଥେସିଆ ଦେଇ ସେମାନେ ରୋଗୀଙ୍କଠାରେ ଏକ ନମନୀୟ ବ୍ରୋଙ୍କୋସ୍କୋପ୍ ପ୍ରବେଶ କରାଇଥିଲେ। ପରେ ହିଟ୍ ଆଣ୍ଡ କୋଲ୍‌ଡ ପଦ୍ଧତି ଜରିଆରେ ଉତ୍ତାପ ନିୟନ୍ତ୍ରଣ ପ୍ରକ୍ରିୟା ବ୍ୟବହାର କରି ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଥିଲା। କିମ୍‌ସ ଇଣ୍ଟରଭେନସନାଲ ପଲମୋନୋଲୋଜି ବିଭାଗର ଡା ଦେବାଶିଷ ବେହେରା, ଡା ସ୍ୱଦୀପ ମିଶ୍ର ଏବଂ ଡା ସୁଶାନ୍ତ ମିଶ୍ର ଏହି ଜଟିଳ ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିଲେ। ଡା ଅଶୋକ କୁମାର ବଡ଼ମାଳି, ଡା ଜ୍ଞାନ ରଞ୍ଜନ ମିଶ୍ରଙ୍କ କାର୍ଡିଆକ୍ ଆନାସ୍ଥେସିଆ ଦଳ ଏଥିରେ ସଂପୂର୍ଣ୍ଣ ସହଯୋଗ କରିଥିଲେ। ଏହା ବ୍ୟତୀତ ପଲମୋନୋଲୋଜିର ରେସିଡେଣ୍ଟ ଡା ଅଭିଷେକ ଦାସ, ଡା ନିଖିଲ କୃଷ୍ଣ ଏବଂ ଡା ଦେବ ଗର୍ଗ ମଧ୍ୟ ଏହି ଅସ୍ତ୍ରୋପଚାରରେ ସାମିଲ ହୋଇଥିଲେ। ଏଭଳି ବିରଳ ଅସ୍ତ୍ରୋପଚାର ପାଇଁ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏଥିରେ ସାମିଲ୍ ହୋଇଥିବା ଡାକ୍ତରୀ ଦଳ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray